## ସଂକ୍ଷେପରେ

### ପୁଣି ୫ ଇନ୍ସପେକ୍ଟରଙ୍କୁ ଥଇଥାନ

ପାଣିକୋଇଲି,୧୭।୭(ବିକାଶ କୁମାର ମଲିକ)- ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ଏସ୍‌ପି ଭିନିତ ଅଗ୍ରୱାଲ ଗତ ୧୪ ତାରିଖରେ ୧୦ଜଣ ଇନ୍ସପେକ୍ଟରଙ୍କୁ ବିଭିନ୍ନ ଥାନା ଓ ମୁଖ୍ୟାଳୟରେ ଯୋଗଦାନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ପରେ ପୁଣି ୨ଦିନ ପରେ ଅର୍ଥାତ୍ ୧୬ ତାରିଖ ରାତିରେ ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଯାହା ଫଳରେ ଆଉ ୫ ଜଣ ଇନ୍ସପେକ୍ଟରଙ୍କୁ ନିଯୁକ୍ତି ମିଳିଛି । ଇନ୍ସପେକ୍ଟର ରଞ୍ଜନ କୁମାର ପ୍ରଧାନଙ୍କୁ କଳିଙ୍ଗନଗର ଥାନା, ଶରତ କୁମାର ନାୟକଙ୍କୁ ଜଖପୁରା ଥାନା, ରଞ୍ଜନ କୁମାର ମଲିକଙ୍କୁ ଟମକା ଥାନା, ଶ୍ରୀକାନ୍ତ କୁମାର ବାରିକଙ୍କୁ କୁଆଖିଆ ଥାନାକୁ ବଦଳି କରାଯାଇଛି । ୧୪ ତାରିଖ ବ୍ରହ୍ମବରଦା ଥାନାକୁ ବଦଳି ହୋଇଥିବା ଇନ୍ସପେକ୍ଟର ଶ୍ରବଣ କୁମାର ମହାରଣାଙ୍କୁ ପୁଣି ମୁଖ୍ୟାଳୟକୁ ବଦଳି କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି ।

### ରାଜପଥରେ ମାତିଛନ୍ତି ମୋବାଇଲ ଲୁଟେରା

ପାଣିକୋଇଲି,୧୭।୭(ବିକାଶ କୁମାର ମଲିକ)-୧୬ ଓ ୨୦ନଂ. ଜାତୀୟ ରାଜପଥରେ ଏବେ ମୋବାଇଲ ଲୁଟେରାଙ୍କ ଦାଦାଗିରି ବହୁଳ ମାତ୍ରାରେ ବଢ଼ିଯାଇଛି । କଳା ପଲ୍‌ସର ଆତଙ୍କ ପୁଣି ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଯେଉଁଠି ହମ୍ପସ୍ ଅଛି ସେଠାରେ ଗାଡ଼ି ଧିର ହେଲେ ଏହି ସୁଯୋଗରେ ସେମାନେ ଲୋକମାନଙ୍କ ପକେଟ୍‌ରୁ ମୋବାଇଲ ଛଡାଇ ନେଉଛନ୍ତି। ଯେଉଁ ମାନେ ମୋବାଇଲରେ କଥା ହୋଇ ଯାଉଛନ୍ତି ତାଙ୍କ ଠାରୁ ମୋବାଇଲ ଛଡାଇବା ଲୁଟେରାଙ୍କ ପାଇଁ ଅତି ସହଜସାଧ୍ୟ ହୋଇଛି। ଦ୍ରୁତଗତିରେ ଆସି ମୋବାଇଲ ଝାମ୍ପି ନେଉଛନ୍ତି। ରବିବାର ସନ୍ଧ୍ୟାରେ ପାଣିକୋଇଲି ଥାନା ଅଞ୍ଚଳରୁ ୪ଟି ମୋବାଇଲ ଝାମ୍ପି ନିଆଯାଇଛି । ଏଥିପାଇଁ ଲୋକମାନେ ରାଜପଥରେ ମୋବାଇଲ ପକେଟ୍‌ରେ ପୁରାଇ ଯିବାକୁ ଭୟ କରୁଛନ୍ତି । ପୋଲିସ ପେଟ୍ରୋଲିଂକୁ ମଧ୍ୟ ଚ୍ୟାଲେଞ୍ଜ କରି ଲୁଟେରାମାନେ ନିଜର କାୟା ବିସ୍ତାର କରି ଚାଲିଛନ୍ତି । ଏ ଦିଗରେ ପୋଲିସ ବ୍ୟବସ୍ଥା କଡ଼ାକଡି କରିବାକୁ ଦାବି ହୋଇଛି ।

### ସଡ଼କ ଦୁର୍ଘଟଣାରେ ୨ କାଉଡିଆ ସମେତ ୩ ଆହତ

ଧର୍ମଶାଳା,୧୭। ୭ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ୫୩ନଂ. ଜାତୀୟ ରାଜପଥର ଗାନ୍ଧୀ ଛକ ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ୨ ଜଣ କାଉଡିଆ ସମେତ ୩ ଜଣ ଗୁରୁତର ହୋଇଛନ୍ତି । ବଡ଼ଚଣା ବ୍ଲକ ଦାଣ୍ଡହରିପୁର ଗ୍ରାମର ୨ ଜଣ କାଉଡିଆ ମହାବିନାୟକଙ୍କୁ ଜଳାଭିଷେକ ପାଇଁ ଆସି ସେହି ଗ୍ରାମର ଜଣେ ସମ୍ପର୍କୀୟଙ୍କ ସହିତ ଏକ ବାଇକ୍(ନଂ.ଓଡି-୨୯-ଏଚ-୬୭୩୭)ରେ ଘରକୁ ଫେରୁଥିଲେ। ସକାଳ ସାଢ଼େ ୮ଟା ସମୟରେ ଗାନ୍ଧୀ ଛକ ନିକଟରେ ବାଇକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବାଇକ୍‌ରେ ଥିବା ଦାଣ୍ଡହରିପୁର ଗ୍ରାମର ସଲିଳ ଜେନା(୩୭), ମୃତ୍ୟୁଞ୍ଜୟ ପ୍ରଧାନ (୨୮) ଓ ଲିପନ ମଲିକ (୨୬) ଗୁରୁତର ଆହତ ହୋଇଥିଲେ । ଖବର ପାଇ ଚଣ୍ଡିଖୋଲ ଦମକଳ ବାହାନୀ ସେମାନଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ୪୧ ଅଭିଯୋଗକୁ ତ୍ୱରିତ ସମାଧାନ

## ଧର୍ମଶାଳାରେ ମିଳିତ ଅଭିଯୋଗ ଶୁଣାଣି

ଧର୍ମଶାଳା,୧୭ ।୭ (ବଟକୃଷ୍ଣ ପରିଡ଼ା )



ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଅଭିଯୋଗ ଶୁଣାଣି କରୁଛନ୍ତି ।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ସଭାଗୃହରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣିରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଏବଂ ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ ମିଳିତ ଭାବେ ଅଧ୍ୟକ୍ଷତା କରିଥିଲେ । ଏହି ଶିବିରରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ଡେପୁଟି କଲେକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ସ୍ୱାଗତ ଦାସ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡାଇ, ଯାଜପୁର ଡ୍ରେନେଜ ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ ଦିଲୀପ ନନ୍ଦନ ମହାପାତ୍ର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦଳାଇ, ଜିଲାମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା. ଶ୍ରୀନିବାସ କର, ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ନାରାୟଣ ପାତ୍ର, ଭାରପ୍ରାପ୍ତ ଜିଲା ଶିକ୍ଷା ଅଧକାରୀ ରାଜେଶ କୁମାର ସ୍ୱାଇଁ, ବ୍ଲକ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, , ସମବାୟ ସମିତି ସହକାରୀ ନିବନ୍ଧକ ଶରତ ଚନ୍ଦ୍ର ମଲିକ, ଜିଲା ମୁଖ୍ୟ କୃଷି ଅଧିକାରୀ ସୁଦିପ୍ତ କୁମାର ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତ, ଖାଦ୍ୟ ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ଆଜି ସମୁଦାୟ ୮୩ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୬୩ ବ୍ୟକ୍ତିଗତ ଅଭିଯୋଗ ଏବଂ ୫ ସମୂହ ଅଭିଯୋଗ ଥିଲା । ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୨୨ ଅଭିଯୋଗ ଥିବାବେଳେ ଜିଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ପାଇଁ ୧୪ ଅଭିଯୋଗ ଆସିଥିଲା। ଶିବିର ପ୍ରକୋଷ୍ଠରେ ୪୧ ଅଭିଯୋଗକୁ ଜିଲାପାଳ ରାଠୋର ତ୍ୱରିତ ସମାଧାନ କରିଥିଲେ । ଏହି ଜନଶୁଣାଣୀକୁ ଶାନ୍ତିଶୃଙ୍ଖଳା ଭାବେ ପରିଚାଳିତ କରିବା ପାଇଁ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକଙ୍କ ସମେତ ତାଙ୍କ ସହକର୍ମୀମାନେ ଉପସ୍ଥିତ ଥିଲେ ।

# ଖଣି ନିଗମ କଲୋନୀରୁ ଚୋରି

## ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି ଅନ୍ତେବାସୀ

କାଳିଆପାଣି,୧୭।୭(ଅସିତ୍ ମହାନ୍ତ)

କାଳିଆପାଣି ଥାନା ଅନ୍ତର୍ଗତ ଓଡ଼ିଶା ଖଣି ନିଗମ କାଳିଆପାଣି ଟାଉନସିପ୍ କଲୋନୀ ପରିସରରୁ ରବିବାର ରାତିରେ ଦୁର୍ବୃତ୍ତମାନେ ଏକ ଲୁହା ଏଙ୍ଗେଲ ଭାଙ୍ଗି ନେଇଯାଇଛନ୍ତି । କଲୋନୀ ପରିସରରେ କାଳିଆପାଣି ହାଇସ୍କୁଲ ପାଇଁ ଗୃହ ନିର୍ମାଣ କାମ ଚାଲୁଛି । ନିର୍ମାଣଧୀନ ଗୃହ ଚାରିପାଖରେ ଲୁହା ଏଙ୍ଗେଲ ପୋତି ସୁରକ୍ଷା ବାଡ଼ ଦିଆଯାଇଥିଲା । ହେଲେ ଘଟଣାଦିନ ବିଳମ୍ବିତ ରାତିରେ ସ୍କୁଲ ପାଚେରୀ ଡେଇଁ ପୋତା ହୋଇଥିବା ଲୁହା ଏଙ୍ଗେଲକୁ କେହି ତାଡି ପାଚେରୀ ଅପରପାର୍ଶ୍ୱରେ ଥିବା ବୁଦୁବୁଦୁକିଆ ଜଙ୍ଗଲରେ ରଖିଥିଲେ। ସକାଳୁ ନିର୍ମାଣ କାର୍ଯ୍ୟ କରୁଥିବା ଶ୍ରମିକମାନେ ଏ ସଂକ୍ରାନ୍ତରେ ସୁରକ୍ଷା କର୍ମୀ ଓ ଠିକାଦାରଙ୍କୁ ଜଣାଇଥିଲେ । ଉଭୟ ସୁରକ୍ଷା କର୍ମୀ ଓ ଠିକାଦାର ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ । ଖଣି ନିଗମ ସୁରକ୍ଷା ଅଧିକାରୀ ଏନ୍.କେ.ନାୟକ ଓ ଶ୍ରମିକମାନେ ଖୋଜାଖୋଜି କରିବା ପରେ ପାଚେରୀ ସେପାଖ ବୁଦୁବୁଦୁକିଆ ଜଙ୍ଗଲରେ ଏଙ୍ଗେଲଟି ସିମେଣ୍ଟ ଅଖାରେ ବନ୍ଧା ହୋଇ ପଡିଥିବା ଦେଖିବାକୁ ପାଇଥିଲେ। କାଳିଆପାଣି ଥାନା ଏସ୍‌ଆଇ ସୁଦାମ ନନ୍ଦୀ ପହଞ୍ଚି ତଦନ୍ତ ଚଳାଇଛନ୍ତି । ଗତ କିଛିଦିନ ତଳେ ଖଣି ନିଗମ ସୁରକ୍ଷା ଦାୟିତ୍ୱରେ ଥିବା ଗ୍ରୁପ ଫୋର ଅଧିକାରୀଙ୍କ କାରର ଚକ କେହି ଖୋଲି ନେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ କଲୋନୀବାସୀ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି ।

# ଛାତ୍ର କଂଗ୍ରେସ ପକ୍ଷରୁ ମହାବିନାୟକ ମନ୍ଦିର ସଫେଇ


ମହାବିନାୟକଙ୍କ ମନ୍ଦିର ସଫେଇରେ ସାମିଲ ହୋଇଥିବା ଛାତ୍ର କଂଗ୍ରେସ କର୍ମକର୍ତ୍ତା ।

ଚଣ୍ଡିଖୋଲ,୧୭।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ପ୍ରସିଦ୍ଧ ଶୈବ ପୀଠ ମହାବିନାୟକ ମନ୍ଦିରରେ ସୋମବାର ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ କାଉଡିଆ ଜଳ ଲାଗି ଆସିଥିଲେ । ଏଥିପାଇଁ ମନ୍ଦିର ପରିସର ଲୋକାରଣ୍ୟ ହୋଇପଡିଥିଲା। ବେଲପତ୍ର, ଫୁଲ, ବାଉଙ୍ଗୀ ଇତ୍ୟାଦି ବର୍ଜ୍ୟବସ୍ତୁ ବି ସେଠାରେ ପଡ଼ି ରହିଥିଲା। ଏପରି ପରିବେଶ ଦେଖି ପିସିସି ସମ୍ପାଦକ ତଥା ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ଦୀର୍ଘ ସମୟ ଧରି ସଫେଇ କରିଥିଲେ । ଛାତ୍ର କଂଗ୍ରେସର ଏପରି କାର୍ଯ୍ୟକୁ ମନ୍ଦିର ପ୍ରଶାସନ, ସ୍ଥାନୀୟ ପ୍ରଶାସନ ଓ ଶ୍ରଦ୍ଧାଳୁମାନେ ପ୍ରଶଂସା କରିଛନ୍ତି । ଏହି ସଫେଇ କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି ଓ ବରଦା ପ୍ରସନ୍ନ ରାୟ, ପ୍ରାକ୍ତନ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ବିଶାଳ, ବରିଷ୍ଠ କଂଗ୍ରେସ ନେତା ମାନଗୋବିନ୍ଦ ଦାସ, ଜିଲା ସଂଖ୍ୟାଲଘୁ ସେଲର ଅଧକ୍ଷ ସୁଲତାନ ସଇଫୁଲା ଖାଁ, ଜିଲା ଛାତ୍ର କଂଗ୍ରେସ ସଭାପତି ସଞ୍ଜୀବ କୁମାର ସାମଲ,ବିଭୂତି ଭୂଷଣ ନାୟକ, ସନ୍ତୋଷ ସାହୁ, ଜୟ ପ୍ରକାଶ ବିଶ୍ୱାଳ, ସନାତନ ଜେନା, ବିଚିତ୍ର ଜେନା, ଅରୁଣ ପ୍ରଧାନ, ବିଚିତ୍ରାନନ୍ଦ ନାୟକ, ନିଳାଦ୍ରୀ ସାମଲ,ସତ୍ୟବ୍ରତ ସାମଲ, କମରୁଜ ଖାଁ, ବିଶ୍ୱଜିତ୍ ରାଉତ, ଶ୍ରୀକାନ୍ତ ନାୟକଙ୍କ ସମେତ ଶତାଧିକ ଯୁବ ଓ ଛାତ୍ର କଂଗ୍ରେସ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ସାମାଜିକ କର୍ମୀଙ୍କ ଉଦ୍ୟମରେ ଦମୟନ୍ତୀଙ୍କ ହାତଗଣ୍ଠି ପଡ଼ିଲା

ଧର୍ମଶାଳା,୧୭ । ୭(ବଟକୃଷ୍ଣ ପରିଡା ):


ସାମାଜିକ କର୍ମୀ ଗୋଲକ ପଲେଇ ଦମୟନ୍ତୀଙ୍କ ବିବାହ କରାଉଛନ୍ତି ।

ଗରିବ ଝିଅର ବିବାହ କରାଇଲେ ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ପଲେଇ । ଅର୍ଥ ଅଭାବରୁ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ୍ ଲେଥକା ପଞ୍ଚାୟତ ସୋଲଗଡ଼ିଆ ଗ୍ରାମର ସ୍ୱର୍ଗତ ପ୍ରାଣକୃଷ୍ଣ ଖିଲାରଙ୍କ ଚତୁର୍ଥ କନ୍ୟା ଦମୟନ୍ତୀ(୨୯)ଙ୍କ ବିବାହରେ ବିଳମ୍ବ ହେଉଥିଲା । ଏ ଖବର ଜଣାପଡ଼ିବା ପରେ ଧର୍ମଶାଳା ବ୍ଲକ୍ ଚୋରମୁହାଁ ପଞ୍ଚାୟତ ନାଉପାଳ ଗ୍ରାମର ସାମାଜିକ କର୍ମୀ ପଲେଇ ଦମୟନ୍ତୀଙ୍କୁ ବିବାହ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ବିବାହ ପାଇଁ ଆବଶ୍ୟକ ଅର୍ଥ ସଂଗ୍ରହ ସହିତ ବର ଖୋଜିବା ଆରମ୍ଭ କରିଥିଲେ । ଏଥିପାଇଁ ୨ ସପ୍ତାହ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା । ଶେଷରେ ପଲେଇଙ୍କ ଉଦ୍ୟମ ସଫଳ ହୋଇଥିଲା । ଧର୍ମଶାଳା ବ୍ଲକ୍ ପାଟପୁର ପଞ୍ଚାୟତ ଖରିପଡ଼ିଆ ଗ୍ରାମର ନୀଳମଣି ବେହେରାଙ୍କ ପୁଅ ଡୁବୁଲା(୩୩)ଙ୍କ ସହିତ ବିବାହ ସ୍ଥିର ହୋଇଥିଲା । ଏଥିପାଇଁ ପଲେଇ ବହୁ ବଦାନ୍ୟ ବ୍ୟକ୍ତିଙ୍କଠାରୁ ଅର୍ଥ ଓ ବିଭିନ୍ନ ବିବାହ ସାମଗ୍ରୀ ସଂଗ୍ରହ କରିଥିଲେ । ବରକନ୍ୟାଙ୍କ ନିମନ୍ତେ ସୁନା ଅଳଙ୍କାର ସହିତ ବିଭିନ୍ନ ଆସବାବପତ୍ର କିଣାଯିବା ସହିତ ଭୋଜିଭାତର ଆୟୋଜନ କରିଥିଲେ । ଜାରକା ତ୍ରିନାଥ ମନ୍ଦିରରେ ବନ୍ଧୁ ଓ ସମ୍ପର୍କୀୟଙ୍କ ଗହଣରେ ବିବାହ ସମ୍ପନ୍ନ ହୋଇଛି । ଜଣେ ଗରିବ ଝିଅଙ୍କ ବିବାହ କରାଇଥିବାରୁ ସାମାଜିକ କର୍ମୀ ପଲେଇଙ୍କୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି ।

## ଉପନିର୍ବାଚନ ପାଇଁ ନାମାଙ୍କନ ଦାଖଲ ଶେଷ

ଧର୍ମଶାଳା,୧୭ ।୭ (ବଟକୃଷ୍ଣ ପରିଡା )

ରାଜ୍ୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁସାରେ ଧର୍ମଶାଳା ବ୍ଲକର ୧୫ନଂ. ଜୋନ ଜିଲାପରିଷଦ, ନେଉଳପୁର ସମିତି ସଭ୍ୟ ଓ ଚକ୍ରଧରପୁର ୫ନଂ. ୱାର୍ଡ ସଭ୍ୟ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସୋମବାର ଶେଷ ହୋଇଛି । ୧୫ ନଂ. ଜୋନ ଜିଲାପରିଷଦ ସଭ୍ୟ ପାଇଁ ଯାଜପୁର ଉପଜିଲାଙ୍କ ନିକଟରେ ସୋମବାର ୭ ଜଣ ନାମାଙ୍କ ପତ୍ର ଦାଖଲ କରିଛନ୍ତି । ସେମାନେ ହେଲେ ବିଜେଡିରୁ ଚକ୍ରଧର ବେହେରା, ଭାଜପାରୁ ମହେଶ୍ୱର ତରାଇ,କଂଗ୍ରେସରୁ ବୈରାଗୀ ମଳିକ, ଅନ୍ୟଦଳ ସମର୍ଥୀତ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ପବିତ୍ର ମଳିକ, ଅଶୋକ କୁମାର ସେଠୀ, ବିଶ୍ୱଜିଜ୍ ତରାଇ, ଅନିରୁଦ୍ଧ ମଲିକ ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବୋଲି ଉପଜିଲାପାଳ ଗୋପୀନାଥ କୁଅଁର ସୂଚନା ଦେଇଛନ୍ତି । ଏହି ବ୍ଲକ ନେଉଳପୁର ପଞ୍ଚାୟତ ସମିତି ସଭ୍ୟା ପଦବୀ ପାଇଁ ସୋମବାର ସୁଦ୍ଧା ୪ ଜଣ ନାମାଙ୍କନ କରିଛନ୍ତି । ସେମାନେ ହେଲେ ଜରିନା ବେଗମ, ସବିତା ସାହୁ, ସବନମ ପରୱିନ, ନିର୍ମଳା ବେହେରା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଚକ୍ରଧରପୁର ପଞ୍ଚାୟତ ୫ନଂ. ୱାର୍ଡ ପାଇଁ ୨ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେମାନେ ହେଲେ ପିଙ୍କିଲତା ଜେନା ଓ କବିତା ଜେନା । ମଙ୍ଗଳବାର ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇ ନାମ ତାଲିକା ପ୍ରକାଶ ପାଇବ । ପ୍ରାର୍ଥୀ ଚାହିଲେ ଆସନ୍ତା ୨୦ ତାରିଖ ୩ଟା ମଧ୍ୟରେ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିପାରିବେ । ଅଗଷ୍ଟ ୯ ସକାଳ ୭ରୁ ୧ଟା ମଧ୍ୟରେ ମତଦାନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଏଲ୍‌ଇଡି ଲାଇଟ୍ ଚୋରି ଅଭିଯୋଗ

ପାଣିକୋଇଲି,୧୭।୭
(ବିକାଶ କୁମାର ମଲିକ)

୧୬ନଂ. ଜାତୀୟ ରାଜପଥରେ ଅନେକ ଗଳିପୋଲ କରାଯାଇଛି । ରାତି ସମୟରେ ଜନସାଧାରଣଙ୍କ ସୁବିଧା ପାଇଁ ରାଜପଥ ବିଭାଗ ପକ୍ଷରୁ ଏଲଇଡି ଆଲୋକ ବ୍ୟବସ୍ଥା ହୋଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଗଳି ପୋଲରେ ମଧ୍ୟ ଆଲୋକ ବ୍ୟବସ୍ଥା କରାଯାଇଥିଲା । ଏହି ଗଳିପୋଲଟି ଛୋଟ ହୋଇଥିବାରୁ ଏଲ୍‌ଇଡ଼ିଗୁଡିକ ହାତ ପାଇବା ଭଳି ସ୍ଥାନରେ ଲଗାଯାଇଥିଲା । ବାରମ୍ବାର ବିଦ୍ୟୁତ କାଟ୍‌ର ସୁଯୋଗ ନେଇ କେହି ଗଳି ପୋଲର ଗୋଟିଏ ପାର୍ଶ୍ୱରୁ ଲାଇଟ୍ ଚୋରି କରିନେଇଛନ୍ତି । ଏହି ପୋଲ ତଳେ ରାତି ସମୟରେ ଅନେକ ଗୋରୁ ରହୁଥିବାରୁ ଆଲୋକ ବ୍ୟବସ୍ଥା ନ ଥିବରୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି । ସେହି ଲାଇଟ୍ ଉପରେ ତାର ଜାଲି ଲଗାଇବାର ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

## ଗୋଟିଏ ଗଛରେ ଫୁଟିଛି ୧୩ ବ୍ରହ୍ମ କମଳ ଫୁଲ

ଯାଜପୁର ଟାଉନ,୧୭।୭
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :



ଯାଜପୁର ବ୍ଲକ ବଡ଼ସୁଆର ଗ୍ରାମର ବିଷ୍ଣୁ ଚରଣ ନାୟକଙ୍କ ଫୁଲ ବଗିଚାରେ ସୋମବାର ରାତିରେ ଗୋଟିଏ ଗଛରେ ୧୩ଟି ବ୍ରହ୍ମ କମଳ ଫୁଲ ଫୁଟିଛି । ଏହି ଫୁଲକୁ ଦେଖିବା ପାଇଁ ସେ ଅଞ୍ଚଳରେ ଭିଡ଼ ଜମିଛି । ବ୍ରହ୍ମ କମଳ ଫୁଲ ସ୍ୱର୍ଗରେ ଦେବତାଙ୍କ ପାଇଁ ଫୁଟିଥାଏ । ଏହି ଫୁଲ ଧରାମଣ୍ଡଳରେ ଦେଖିବାକୁ ମିଳେନାହିଁ । ବ୍ରହ୍ମକମଳ ରାତିରେ ଫୁଟି ସକାଳ ହେବା ପୂର୍ବରୁ ଝଡ଼ି ପଡ଼ିଥାଏ ।

# ବିପଦସଙ୍କୁଳ ଅବସ୍ଥାରେ ଥିବା ନଳକୂପ କାମ ସମ୍ପୂର୍ଣ୍ଣ

## ଧରିତ୍ରୀରେ ଖବର ପ୍ରକାଶ ପରେ ତତ୍ପରତା

କାଏମା,୧୭।୭( ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତରପ୍ରତାପ ଗ୍ରାମ ପଞ୍ଚାୟତର ଅଲଣିସାହୁ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ପରିବାର ପାଣି ଗରାଏ ପାଇଁ ହନ୍ତସନ୍ତ ହେଉଥିଲେ। ପାନୀୟ ଜଳ ପାଇଁ ସେମାନଙ୍କୁ ଗାଁ ଠାରୁ ଅନେକ ଦୂରକୁ ଯାଇ ବହୁ ଘଣ୍ଟା ଧାଡ଼ିରେ ଛିଡ଼ା ହେବାକୁ ପଡୁଥିଲା । ଭୂତଳ ଜଳସ୍ତର ଦିନକୁ ଦିନ କମି ଚାଲିଥିବାରୁ ଏପରି ପରିସ୍ଥିତି ଦେଖା ଦେଇଥିଲେ । ସେଥିପାଇଁ କୂଅ,ପୋଖରୀ ଶୁଖି ଯାଇଥିଲା । ଏ ବିଷୟରେ ବାରମ୍ବାର ପ୍ରଶାସନକୁ ଅବଗତ କରାଯାଇଥିଲା । ପ୍ରଶାସନ ପକ୍ଷରୁ ଏକ ନଳକୂପ ଖୋଳା ଯାଇଥିଲେ ମଧ୍ୟ ଅସମ୍ପୂର୍ଣ୍ଣ ଭାବେ ବିପଦପୂର୍ଣ୍ଣ ଅବସ୍ଥାରେ ଛାଡ଼ି ଦିଆଯାଇଥିଲା । ବିଭାଗୀୟ ଯନ୍ତ୍ରୀ କହିଥିଲେ ଆବଶ୍ୟକ ଯନ୍ତ୍ରାଂଶ ବ୍ଲକରେ ନ ଥିବାରୁ ନଳକୂପ କାମ ଶେଷ ହୋଇପାରୁନି। ଏ ସଂକ୍ରାନ୍ତରେ ଗତ ୯ ତାରିଖରେ ଧରିତ୍ରୀରେ ପାଣି ପାଇଁ ହନ୍ତସନ୍ତ ଗ୍ରାମବାସୀ ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା । ଏ ବିଷୟରେ ଧର୍ମଶାଳା ବ୍ଲକ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଅବଗତ ହେବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଅଳ୍ପଦିନ ମଧ୍ୟରେ ସେହି ନଳକୂପ କାମ ସମ୍ପୂର୍ଣ୍ଣ ହୋଇଛି । ଗ୍ରାମବାସୀ ସହଜରେ ପାଣି ପାଇ ପାରୁଛନ୍ତି । ଏହାକୁ ନେଇ ଗ୍ରାମବାସୀ ଧରିତ୍ରୀ ସହ ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।


ପୂର୍ବରୁ ବିପଦପୂର୍ଣ୍ଣ ଭାବେ ଥିବା ଅସମ୍ପୂର୍ଣ୍ଣ ନଳକୂପ ।


ଏବେ କାର୍ଯ୍ୟକ୍ଷମ ହୋଇଥିବା ନଳକୂପ ।

# ବିଶ୍ୱ ଯୁବ ଦକ୍ଷତା ଉତ୍ସବ-୨୦୨୩

ଯାଜପୁର ସଦର,୧୭।୭
( ସମର ବିଜୟ ଶରଣ )



ବିଶ୍ୱ ଯୁବ ଦକ୍ଷତା ଉତ୍ସବ-୨୦୨୩ରେ ମଞ୍ଚାସୀନ ଅତିଥି ।

ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁଠାରେ ଥିବା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଓ ଭାରତ ଡାଲମିଆ ଫାଉଣ୍ଡେଶନର ମିଳିତ ସହଯୋଗରେ ବିଶ୍ୱ ଯୁବ ଦକ୍ଷତା ଉତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷା ସବିତାରାଣୀ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଯାଜପୁରର ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ସମ୍ମାନୀତ ଅତିଥି ଜିଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଓ ଅନ୍ୟତମ ଅତିଥି ଭାବେ ଜିଲା ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି ପ୍ରମୁଖ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ଆରମ୍ଭରେ ମୁଖ୍ୟଅତିଥି ଜଗନ୍ନାଥଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଅଧ୍ୟକ୍ଷା ସାହୁ ବିଶ୍ୱ ଯୁବ ଦକ୍ଷତା ଉତ୍ସବ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଜିଲା ନିଯୋଜନ ଅଧିକାରୀ ବସ୍ତି ଆଜିର ଯୁବତୀ ଯୁବକମାନଙ୍କୁ ନିଜର ଦକ୍ଷତା ମାଧ୍ୟମରେ ନିଯୁକ୍ତି ଓ ଉଦ୍ୟୋଗୀ ହୋଇ ପାରିଲେ ରାଜ୍ୟ ତଥା ଦେଶର ଉନ୍ନତି ସମ୍ଭବ ବୋଲି ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବେହୁରିଆ ସମାଜକୁ ବିକଶିତ କରିବାରେ ଛାତ୍ରୀଛାତ୍ରମାନେ ନିଜର ଦକ୍ଷତା ପ୍ରତିପାଦନ କରିବା ସହ ଅଧିକ ଜ୍ଞାନ ଆହରଣ କରି ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ନାୟକ ଆଜିର ଯୁବତୀ,ଯୁବକ ଆସନ୍ତାକାଲିର ଭବିଷ୍ୟତ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ମାଧ୍ୟମରେ ଯୁବତୀଯୁବକମାନଙ୍କ ଦକ୍ଷତା ହାସଲ ପାଇଁ ବହୁ ଯୋଜନା ରହିଛି। ଓଡ଼ିଶା ଆଜି ଦକ୍ଷତା କ୍ଷେତ୍ରରେ ଭାରତର ଅଗ୍ରଗାମୀ ରାଜ୍ୟରେ ପରିଗଣିତ ହେଉଛି ଏବଂ ଅନ୍ତର୍ଜାତୀୟସ୍ତରରେ ଭାରତର ଭୂମିକା ବହୁ ଊର୍ଦ୍ଧ୍ୱରେ ବୋଲି ପ୍ରକାଶ କରିଥିଲେ। ନିଜେ ଦକ୍ଷ ହେବା ସହ ଅନ୍ୟମାନଙ୍କୁ ଆଗକୁ ବଢ଼ିବା ପାଇଁ ସଙ୍କଳ୍ପ ନେବାକୁ ସେ ଆହ୍ୱାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ଅନୁଷ୍ଠାନର ମୁଖପତ୍ର କ୍ୟାମ୍ପସ ଡାଏରୀ-୨୦୨୩ ଉନ୍ମୋଚିତ ହୋଇଥିଲା । ଅନୁଷ୍ଠାନର ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ନିଜର ପାରଦର୍ଶିତା ହାସଲ ପାଇଁ ମୁଖ୍ୟଅତିଥିଙ୍କଠାରୁ ପ୍ରମାଣ ପତ୍ର ସହ ଟ୍ରଫି ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଅଧକ୍ଷା ସାହୁ ମୁଖ୍ୟଅତିଥିଙ୍କୁ ଅନୁଷ୍ଠାନର ବିଭିନ୍ନ ବିଭାଗ ବୁଲାଇ ଦେଖାଇବା ସହ କିଛି ସମସ୍ୟା ସମ୍ପର୍କରେ ଜଣାଇଥିଲେ । ଅତିରିକ୍ତ ଜିଲାପାଳ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଏହାର ସମାଧାନ ଦିଗରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

**ନାଉଗାଁ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ**

**ନାଉଗାଁ, (ସୁଧା ବେହୁରା):** ଜଗତସିଂହପୁର ଜିଲା ନାଉଗାଁ ଥାନାରେ ନୂତନ ଅଧିକାରୀ ଭାବେ ସଂଘମିତ୍ରା ନାୟକ ସୋମବାର ଅପରାହ୍ଣରେ ଯୋଗ ଦେଇଛନ୍ତି। ଆଇଆଇସି ନାୟକ ପୂର୍ବରୁ ଯାଜପୁର ଜିଲା କୋରାଇ ଥାନା ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ଅପରପକ୍ଷେ ନାଉଗାଁ ଥାନାରେ କାର୍ଯ୍ୟରତ ଆଇଆଇସି ଅନିରୁଦ୍ଧ ନାୟକଙ୍କୁ ଯାଜପୁର ଜିଲାକୁ ବଦଳି କରିଦିଆଯାଇଛି।

## ସଂକ୍ଷେପରେ

### ଖରସ୍ରୋତା ଶାଖା ନଦୀରେ ବୁଡ଼ି ବୃଦ୍ଧ ମୃତ

**କେନ୍ଦ୍ରାପଡ଼ା, ୧୭।୭ (ଜଗନ୍ନାଥ ଧଳ):** ରାଜକନିକା ଥାନା ଅନ୍ତର୍ଗତ ହାବଲଗଣ୍ଡ ପାଟଣା ଗାଁର ରାମଚନ୍ଦ୍ର ବେହେରା(୮୫)ଙ୍କର ଖରସ୍ରୋତା ଶାଖା ନଦୀକୁ ସୋମବାର ସକାଳେ ଶୌଚହେବାକୁ ଯାଇ ଗୋଡ଼ ଖସିଯିବା କାରଣରୁ ପାଣିରେ ବୁଡି ମୃତ୍ୟୁ ଘଟିଛି। ରାମଚନ୍ଦ୍ରଙ୍କର ଘରକୁ ଫେରିବା ଡେରି ହେବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ଶେଷରେ ନଦୀରେ ରାମଚନ୍ଦ୍ର ଭାସୁଥିବା ଦେଖି ପଡ଼ୋଶୀଙ୍କ ସହାୟତାରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ରାମଚନ୍ଦ୍ରଙ୍କ ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତାଙ୍କ ମୃତ୍ୟୁରେ ହାବଲଗଣ୍ଡ ପାଟଣା ଗାଁରେ ଶୋକର ଛାୟା ଖେଳିଯାଇଛି।

### ବାଛରା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୧୭।୭ (ଜଗନ୍ନାଥ ଧଳ):** ପଟ୍ଟାମୁଣ୍ଡାଇ ବ୍ଲକର ବାଛରା ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବାଛରା ସରପଞ୍ଚ ରଞ୍ଜିତା ସାହୁ (ରାଉତ ), ସମିତିସଭ୍ୟା ସୁମିତ୍ରା ସାହୁ ଯୋଗଦେଇଥିଲେ। ଏଥିରେ ଆବାସ, ରାଶନକାର୍ଡ ଓ ଭତ୍ତାକୁ ମିଶାଇ ୩୫ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସରକାରୀ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁଲତା ଦାସ, ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ ଓ ସୁମିତ୍ରା ବିଶ୍ୱାଳ, ଏସ୍‌ଇଓ ଉଦାର ସୁନ୍ଦର ସ୍ୱାଇଁ, ବ୍ଲକ ଉଦ୍ୟାନ ଅଧିକାରୀ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରମୁଖ ଅଧିକାରୀ ଯୋଗ ଦେଇ ଆପତି ଅଭିଯୋଗ ଶୁଣିଥିଲେ।

### ଯଅଁରାବାରିମୂଳ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

**ଡେରାବିଶ ୧୭।୭ (ବେବର୍ତ୍ତା ଅଜୟ ଦାସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଞ୍ଚାୟତ ସମିତି ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ସରପଞ୍ଚ ଶଙ୍କର୍ଷଣ ପରିଡ଼ା ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ବିଡିଓ ଦାସରଥି ଜେନା, ତହସିଲଦାର ଅକ୍ଷୟ କୁମାର ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ଏବିଡିଓ ଭଞ୍ଜକିଶୋର ନାୟକ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରେ ସରକାରଙ୍କର ମୋ ଘର ଯୋଜନାରେ ସାମିଲହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ଼ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ଏଥିରେ ୧୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ହରିଅଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବର୍ଣ୍ଣେନ୍ଦୁ ପ୍ରକାଶ ସ୍ୱାଇଁ, ରଜତ କୁମାର ବଳ, କୈଳାସ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

### ମାଲ ବୋଝେଇ କ୍ଷେତ୍ରରେ ଜେଏସଡବ୍ଲ୍ୟୁର ସଫଳତା

**କୁଜଙ୍ଗ,୧୭।୭ (ମନୋଜ ପ୍ରଧାନ):** ଜେଏସ୍‌ଡବ୍ଲ୍ୟୁ ମାଲ ପରିବହନ କ୍ଷେତ୍ରରେ ଆଉ ଏକ ସଫଳତା ହାସଲ କରିଛି। ଗୋପାଳପୁର ବନ୍ଦରରେ ଲାଗିଥିବା ଏମ୍‌ଭି ରିଚି ସ୍ପ୍ରିଙ୍ଗ ନାମକ ଜାହାଜରେ କମ୍ପାନୀ ପକ୍ଷରୁ ମାନୁଆଲ ଲୋଡିଂ ଜରିଆରେ ଗୋଟିଏ ଦିନରେ ୫୨.୨୦ ମେଟ୍ରିକ ଟନ ଲୁହା ପଥର ବୋଝେଇ କରାଯାଇଛି। ଏଥିସହ ଦେଢ଼ଦିନରୁ କମ୍ ସମୟ ମଧ୍ୟରେ ୮୬ହଜାର ୭୦୦ ମେଟ୍ରିକ ଟନ ଲୁହା ପଥର ବୋଝେଇ କରି ଏହି ସଫଳତା ହାସଲ କରିଛି। ଜାହାଜଟି ଚାଇନା ଅଭିମୁଖେ ଯାତ୍ରା କରିଥିବା ବେଳେ କମ ସମୟ ମଧ୍ୟରେ ମାଲ ବୋଝେଇ କରି ୩୦ ଲକ୍ଷ ଟଙ୍କା ବଞ୍ଚାଇ ପାରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ମାଲ ବୋଝେଇ କାର୍ଯ୍ୟ ପାଇଁ ଗୋପାଳପୁର ବନ୍ଦର ଅଧିକାରୀ ଓ କର୍ମଚାରୀମାନଙ୍କୁ କମ୍ପାନୀ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି।

# ୫-ଟି କାର୍ଯ୍ୟରେ ଅନିୟମିତତା ଅଭିଯୋଗ: ବିଦ୍ୟାଳୟ ସମ୍ମୁଖରେ ଧାରଣା

## କୁତାମଚଣ୍ଡୀ ବିଦ୍ୟାମନ୍ଦିର

**ରଘୁନାଥପୁର,୧୭।୭(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଧରାଧାରପୁରସ୍ଥିତ କୁତାମଚଣ୍ଡୀ ବିଦ୍ୟାମନ୍ଦିରରେ ୫-ଟି କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ କରି (ପୁରାତନ ଛାତ୍ର)ଆଲୁମ୍‌ନି ଓ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟ ସମ୍ମୁଖରେ ସୋମବାର ପୂର୍ବାହ୍ଣରୁ ଧାରଣା ଦିଆଯାଇଛି। ସାମାଜିକ କର୍ମୀ ସରିତ ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ୪ର୍ଥ ପର୍ଯ୍ୟାୟରେ କୁତାମଚଣ୍ଡୀ ବିଦ୍ୟାମନ୍ଦିରକୁ ୫-ଟି ରୂପାନ୍ତରଣରେ ସାମିଲ କରାଯାଇଛି। ପୂର୍ବରୁ ଏହି ବିଦ୍ୟାମନ୍ଦିରରେ ନିମ୍ନମାନର କାର୍ଯ୍ୟ କରିଥିବା ଠିକାଦାରଙ୍କୁ ଏହି ରୂପାନ୍ତରଣ କାର୍ଯ୍ୟ ସମର୍ପି ଦିଆଯାଇଛି। ଏ ସମ୍ପର୍କରେ ଆଲୁମ୍‌ନି ଓ ଗ୍ରାମବାସୀଙ୍କୁ ଅନ୍ଧାରରେ ରଖାଯାଇଛି।



ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ପୁରାତନ ଛାତ୍ର ଓ ଗ୍ରାମବାସୀ।

ବିଭିନ୍ନ ସମସ୍ୟା ଘେରରେ ଥିବା ବିଦ୍ୟାଳୟର ବିକାଶ ପାଇଁ ସରକାର ଅନୁଦାନ ଯୋଗାଇ ଦେଇଥିବାବେଳେ କେତେଜଣ କୁଚକ୍ରୀ ଗୋଷ୍ଠୀ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ ସାକାର ରୂପ ଦେବା ପରିବର୍ତ୍ତେ ବିନାଶ ଆଡକୁ ଟାଣି ନେଉଛନ୍ତି ବୋଲି ପ୍ରିୟରଞ୍ଜନ ସାହାଣୀ କହିଛନ୍ତି। ଏହି ରୂପାନ୍ତରଣ କାର୍ଯ୍ୟରେ ନିଯୁକ୍ତ ହୋଇଥିବା ଠିକାଦାରଙ୍କୁ କାର୍ଯ୍ୟରୁ ନିବୃତ୍ତ କରି ଆଲୁମ୍‌ନି ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ ଡକାଯାଇ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ କରିବାକୁ ଦାବି କରାଯାଇଛି। ଅପରାହ୍ଣରେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଓ ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ଧାରଣା ସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ରୂପାନ୍ତରଣ କାର୍ଯ୍ୟ ବ୍ୟୟ ଅଟକଳ ସହ ବିଡିଓ ନିଜେ ଆସିବା ପାଇଁ ଧାରଣାକାରୀ ଅଡିବସିଥିଲେ। ଏହାପରେ ଶିକ୍ଷାଧିକାରୀ ସ୍ୱାଇଁ ବିଡିଓଙ୍କୁ ଫୋନ ଯୋଗେ ଏ ସମ୍ପର୍କରେ ଅବଗତ କରିଥିଲେ। ମାତ୍ର କୌଣସି ନିର୍ଯାସ ନ ବାହାରିବାରୁ ଧାରଣା ଅବ୍ୟାହତ ରହିଛି। ଜ୍ୟୋତିର୍ମୟ ଜେନା, ନିଶିକାନ୍ତ ନାୟକ, ଟହଲି ମଲ୍ଲିକ, ରମାକାନ୍ତ ଜେନା, ଜଗବନ୍ଧୁ ମଲ୍ଲିକ, ଦୁଃଖୀଶ୍ୟାମ ମଲ୍ଲିକ, ଆଲୋକରଞ୍ଜନ ସ୍ୱାଇଁ, ଦୀପକ ସାହାଣୀ, କମଳାକାନ୍ତ ମଲ୍ଲିକ, ଯୁଗଳକିଶୋର ମଲ୍ଲିକ, ଲକ୍ଷ୍ମୀଧର ନାୟକ ପ୍ରମୁଖ ଧାରଣା ସ୍ଥଳରେ ଉପସ୍ଥିତ ଥିଲେ।

## ୨ ଫେରାର ଅଭିଯୁକ୍ତ ଗିରଫ

**ବାଲିକୁଦା(ତାପସ ସ୍ୱାଇଁ)/କୁଜଙ୍ଗ (ମନୋଜ ପ୍ରଧାନ), ୧୭।୭**

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ପୋଲିସ ରବିବାର ବିଳମ୍ବିତ ରାତିରେ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଅନନ୍ତପୁର ଗାଁର ଶିଶିର କାଣ୍ଡି। ତାଙ୍କ ନାମରେ ଜଗତ୍‌ସିଂହପୁର ଏସ୍‌ଡିଜେଏମ୍ କୋର୍ଟରେ ମାମଲା (ନଂ.୫୮୩/୨୨) ବିଚାରାଧୀନ ଥିଲା। କାଣ୍ଡି ଦୀର୍ଘଦିନ ହେବ କୋର୍ଟକୁ ଫାଙ୍କି ଅନୁପସ୍ଥିତ ରହିବାରୁ ତାଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିଲା। ପୋଲିସ ତାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେହିପରି କୁଜଙ୍ଗ ଥାନା ଗଣ୍ଡକିପୁର ଗାଁର ରାକେଶ ମାଝି ଏକ ହତ୍ୟା ଉଦ୍ୟମ ମାମଲାରେ ଫେରାର ଥିଲେ। ଏ ନେଇ ଥାନାରେ କେସ୍ (ନଂ. ୫୧/୧୯) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ପରେ କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ ତାଙ୍କୁ ଗିରଫ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଆଇଆଇସି ରଶ୍ମି ରଞ୍ଜନ ଦାସ ରବିବାର ରାକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ଗୋରେଖନାଥ ପୀଠ: ଜଳଲାଗି ପାଇଁ କାଉଡ଼ିଆଙ୍କ ଭିଡ଼




ଗୋରେଖନାଥ ପୀଠରେ କାଉଡିଆମାନେ ପାଣି ଢାଳିବାକୁ ଧାଡିରେ ଠିଆ ହୋଇଛନ୍ତି।

**ରଘୁନାଥପୁର,୧୭।୭(ରାଜେନ୍ଦ୍ର ନାରାୟଣ ସିଂହ)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ପୀଠରେ ଅନେକ ହଜାର କାଉଡ଼ିଆ ମାନସିକ ଜଳ ଅର୍ପଣ କରିଛନ୍ତି। ରାତି ୩ଟାରୁ ପ୍ରଭୁଙ୍କ ମଙ୍ଗଳାରତି କାର୍ଯ୍ୟ ସମାପନ ପରେ ପୀଠ ପରିସରରେ ଅପେକ୍ଷାରତ କାଉଡ଼ିଆମାନେ ୩ଟି ବ୍ୟାରିକେଡରେ ଆସି ପାଣି ଢାଳିଥିଲେ। ଏଥିପାଇଁ ପୀଠ ପ୍ରଶାସନ ପକ୍ଷରୁ ଷ୍ଟିଲରେ ନିର୍ମିତ ସ୍ୱତନ୍ତ୍ର କୁଣ୍ଡର ବ୍ୟବସ୍ଥା କରାଯାଇଥିଲା। ତାରପୁର ବାଇପାସ ଠାରୁ ଜଇପୁର ଛକ ଦେଇ ତିର୍ତ୍ତୋଲ ପର୍ଯ୍ୟନ୍ତ ୧୫ କିମି ରାସ୍ତାରେ କାଉଡ଼ିଆଙ୍କ ଲମ୍ବା ଗହଳି ଲାଗି ରହିଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ଓ ସ୍ୱେଚ୍ଛାସେବୀଙ୍କୁ ନାକେଦମ ହେବାକୁ ପଡ଼ିଛି। ଟ୍ରାଫିକ ଓ ଆଇନ ଶୃଙ୍ଖଳା ରକ୍ଷା ପାଇଁ ତିର୍ତ୍ତୋଲ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ କରାଯାଇଥିଲା। ପୀଠ ପ୍ରଶାସନ ପକ୍ଷରୁ କାଉଡ଼ିଆଙ୍କ ରହିବା ପାଇଁ ପୀଠ ପରିସର ଓ ଚତୁଃପାର୍ଶ୍ୱରେ ଟେଣ୍ଟର ବ୍ୟବସ୍ଥା ଓ ପାଣିଭାର ରଖିବା ପାଇଁ ଷ୍ଟାଣ୍ଡର ବ୍ୟବସ୍ଥା କରାଯାଇଥିଲା। ସେହିପରି ପାନୀୟଜଳ, ଶୌଚାଳୟ, ଫାଷ୍ଟେଡ୍ ସୁବିଧା ଓ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା କାର୍ଯ୍ୟ ନିର୍ବାହ କରିଥିବାବେଳେ କିରାଣି ସରୋଜ କୁମାର ସାହାଣୀ, ଉପଦେଷ୍ଟା ପ୍ରଶାନ୍ତ କୁମାର ଭୂୟାଁ, ଗ୍ରାମ କମିଟି ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଥିଲେ। ସ୍ଥାନୀୟ ଗୋରେଖନାଥ ଯୁବକ ସଂଘ ଓ ବୈଷ୍ଣବ ଜେନା ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ରହି ସେବା ଯୋଗାଇ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ କାଉଡ଼ିଆମାନଙ୍କ ପାଇଁ ଷ୍ଟଲ ଖୋଲାଯାଇ ଖାଦ୍ୟପେୟର ବ୍ୟବସ୍ଥା ଓ ମନୋରଞ୍ଜନ ପାଇଁ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ପୋଲିସ, ସ୍ୱେଚ୍ଛାସେବୀ ନାକେଦମ୍

## ରାସ୍ତା ନିର୍ମାଣ କାର୍ଯ୍ୟରେ ଦାଦାବଟି ମାଗିବା ଅଭିଯୋଗ: ଯୁବକ କୋର୍ଟ ଚାଲାଣ

**କୁଜଙ୍ଗ, ୧୭।୭ (ମନୋଜ ପ୍ରଧାନ)**

କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତର ବଡ଼ଙ୍ଗ ଗ୍ରାମ ଦେଇ ପ୍ରବାହିତ ହଳଦୀ ପାଣି ନଦୀ ଉପରେ ଥିବା ଅସ୍ଥାୟୀ ରାସ୍ତା ନିର୍ମାଣ ସମୟରେ ଦାଦାବଟି ମାଗିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। । ତାଙ୍କ ଜାମିନ ନାମଞ୍ଜୁର ହେବାରୁ କୁଜଙ୍ଗ ଉପକାରାଗାରକୁ ପଠାଇ ଦିଆଯାଇଛି। ସେ ହେଲେ ବଡଙ୍ଗ ଗ୍ରାମର ବବୁଲ ପ୍ରଧାନ (୩୦)। ଅନ୍ୟ ଜଣେ ଅଭିଯୁକ୍ତ ପ୍ରକାଶ ପରିଡା (୪୦) ଫେରାର ହୋଇଯାଇଛନ୍ତି। ଏହି ନଦୀ ଉପରେ ଥିବା ପୋଲ ଅଣ ଓସାରିଆ ଥିବାରୁ ଭାରିଯାନ ଯିବା କଷ୍ଟକର ହୋଇ ପଡିଥିଲା । ଫଳରେ ୨୦୨୨ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ପୋଲକୁ ଭଙ୍ଗା ଯାଇ ନୂଆ ପୋଲ ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇଥିଲା । ମାତ୍ର ବିଭାଗୀୟ ଅବହେଳା ଯୋଗୁ ଠିକ୍ ସମୟରେ ପୋଲ ନିର୍ମାଣ ହୋଇପାରି ନ ଥିଲା । ୨୦୨୨ ବର୍ଷା ଋତୁରେ ଉକ୍ତ ପୋଲ ଉପରେ ନିର୍ଭର କରୁଥିବା ୩ଟି ଗ୍ରାମର ଅଧିବାସୀଙ୍କ ଯାତାୟାତ ନିମନ୍ତେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିଲା । ଏହି ରାସ୍ତା ମଧ୍ୟ ଅଣ ଓସାରିଆ ହୋଇଥିବାରୁ ଚାରି ଚକିଆଯାନ ଯାତାୟାତ କରିପାରୁ ନ ଥିଲା। ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ କୁଜଙ୍ଗ ଗସ୍ତ ଅବସରରେ ଏ ସମ୍ପର୍କରେ ଅଭିଯୋଗ କରାଯାଇଥିଲା। ଏହାପରେ ସେ ଘଟଣାସ୍ଥଳରେ ବୁଲି ଦେଖିଥିଲେ। ତାଙ୍କ ନିର୍ଦ୍ଦେଶମତେ ଅସ୍ଥାୟୀ ରାସ୍ତାକୁ ଚଉଡ଼ାକରି ମଜଭୁତ କରିବା ଉଦ୍ଦେଶ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗତ ୧୫ ତାରିଖରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମାତ୍ର ବବୁଲ ଓ ପ୍ରକାଶ ସମ୍ପୃକ୍ତ ଠିକାଦାରଙ୍କୁ ଦାଦାବଟି ମାଗିବା ସହ ଧମକ ଚମକ ଦେଇ କାମ କରାଇଦେଉ ନ ଥିଲେ । ଏନେଇ ସମ୍ପୃକ୍ତ ଠିକାଦାର ପ୍ରହ୍ଲାଦ ସ୍ୱାଇଁ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୩୫୧/୨୩) ରୁଜୁ କରିଛି। ଖୁବ୍‌ଶୀଘ୍ର ପ୍ରକାଶଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ କହିଛନ୍ତି।

# ମିଳିତ ଟ୍ରେଡ୍ ୟୁନିୟନର ବୈଠକ

**କେନ୍ଦ୍ରାପଡ଼ା, ୧୭।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ମିଳିତ ଟ୍ରେଡ ୟୁନିୟନ ବୈଠକ ସହରର ମହିପାଳଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଧଳ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ଶ୍ରମିକଙ୍କ ଉନ୍ନତି ପାଇଁ କେତେକ ଯୋଜନା ପ୍ରଣୟନ କରିଛନ୍ତି। ତେବେ କେନ୍ଦ୍ରାପଡ଼ା ଜିଲାର ତୃଣମୂଳ ସ୍ତରରେ ଥିବା ଶ୍ରମିକଙ୍କ ନିକଟରେ ଏହା ପହଞ୍ଚି ପାରୁନାହିଁ। ପ୍ରଶାସନିକ ଅଧିକାରୀ ଓ ମଧ୍ୟସ୍ଥି ଏହି ଯୋଜନାକୁ ହଡପ କରୁଥିବା ବହୁ ସମୟରେ ଲୋକଲୋଚନକୁ ଆସୁଛି। ସେହିପରି ଶ୍ରମିକ ଚିହ୍ନଟ, ସାମାଜିକ ସୁରକ୍ଷାକୁ ନେଇ ବହୁ ଦ୍ୱନ୍ଦ୍ୱ ରହିଛି। ଏପରିକି ୨୦୧୮-୧୯ ଆର୍ଥିକ ବର୍ଷରୁ ଶ୍ରମିକଙ୍କ ପଞ୍ଜୀକରଣ ପାଇଁ ଆବେଦନ ପତ୍ର ଦିଆ ଯାଉଥିଲେ ମଧ୍ୟ ଏହାର ସୁଫଳ ମିଳିନାହିଁ। ଅଣସଙ୍ଗଠିତ ଶ୍ରମିକଙ୍କୁ ବିଭିନ୍ନ ସମୟରେ ମାଲିକଙ୍କ ଅତ୍ୟାଚାର ସହିବାକୁ ପଡୁଛି। ଏପରି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲାରେ ଥିବା ବିଭିନ୍ନ ୟୁନିୟନର କର୍ମକର୍ତ୍ତା ଏକାଠି ହୋଇଛନ୍ତି। ଆଗାମୀ ଦିନରେ ଶ୍ରମ କାର୍ଯ୍ୟାଳୟରେ ପଡ଼ି ରହିଥିବା ଶ୍ରମିକଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଧଳ କହିଛନ୍ତି। ଏହି ବୈଠକରେ କର୍ମକର୍ତ୍ତା ଜଗତଜୀବନ ଦାସ, ବାବାଜୀ ଧଳ, କାଞ୍ଚନବାଳା ସ୍ୱାଇଁ ପ୍ରମୁଖ ଭାଗ ନେଇଥିଲେ।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ଜୟନ୍ତୀ



ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପରେ ମାଲ୍ୟାର୍ପଣ କରାଯାଉଛି।

**କେନ୍ଦ୍ରାପଡ଼ା, ୧୭।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହରର ଖଡ଼ିଅଙ୍ଗଠାରେ ଥିବା ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ମୂର୍ତ୍ତିକୁ ସହରର ଗୋପସ୍ଥିତ ତୁଳସୀ ପାର୍କ ନିକଟରେ ସୋମବାର ସ୍ଥାପନ କରାଯାଇଛି। ଏହି ଅବସରରେ ତାଙ୍କର ୧୩୨ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଏହି ମୂର୍ତ୍ତିକୁ ଜିଲା ପରିଷଦ ଅଧକ୍ଷା ଗୀତାରାଣୀ ସେଠୀ ଉଦ୍‌ଘାଟନ କରିଛନ୍ତି। ବିପ୍ଳବୀ ଆନନ୍ଦ ଜେନା ସ୍ମୃତିକମିଟିପକ୍ଷରୁଆୟୋଜିତ କାର୍ଯ୍ୟକ୍ରମରେ ସଭାପତି କରୁଣାକର ଦାସଙ୍କ ଅଧକ୍ଷତାରେ ଜିଲାର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଜିଲାପାଳ ଅମୃତ ଋତୁରାଜ, ଏଡିଏମ୍ ପୀତାମ୍ବର ସାମଲ, ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି, ମକର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେମାନେ କହିଥିଲେ, 'ଦୁଃଖିନୀ କନିକା' କବିତା ମାଧ୍ୟମରେ କନିକା ରାଜାଙ୍କ ୬୪ କର ବିରୋଧରେ କବି ଜେନା ସ୍ୱର ଉତ୍ତୋଳନ କରିଥିଲେ। ଏଥିସହ ବଙ୍ଗ ଭଙ୍ଗ ସମୟରେ ସକ୍ରିୟ ଅଂଶଗ୍ରହଣ କରିବା, ସାବରମତୀ ଆଶ୍ରମରେ ପ୍ରଥମ ଓଡ଼ିଆ ଛାତ୍ର ଭାବେ ରହିବା ଆଦି ସହ ଦେଶ ସ୍ୱାଧୀନତାକୁ ମୂଳମନ୍ତ୍ର କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ନନ୍ଦ କିଶୋର ପରିଡ଼ା, ତହସିଲଦାର ଅଞ୍ଜଳି ତରାଇ, ଯୁବ ବିଜେଡି ସଭାପତି ରାଜେଶ ଦାସ, କବି ଶୁଭ୍ରାଂଶୁ ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ସଞ୍ଜୟ କୁମାର ଜେନା, ରମଣୀରଞ୍ଜନ ରାଉତରାୟ, ଧୀରେନ୍ଦ୍ର କୁମାର ଦାଶ, ଶେଷଦେବ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, କବି ଜେନା ପ୍ରତିମୂର୍ତ୍ତି ସ୍ଥାପନ ପାଇଁ କିଛିଦିନ ଧରି ବିବାଦ ଚାଲିଥିଲା। ରାସ୍ତାର ନବୀକରଣ ପାଇଁ ସ୍ଥାନାନ୍ତର ହୋଇଥିବା ପ୍ରତିମୂର୍ତ୍ତି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ସାନ୍ଧ୍ୟ ମହାବିଦ୍ୟାଳୟ ଓ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖସ୍ଥ ସୂର୍ଯ୍ୟଘଡ଼ି ନିକଟରେ ସ୍ଥାପନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଥିଲା। ତେବେ ଏହି ସ୍ଥାନଗୁଡ଼ିକରେ ପୂର୍ବତନ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ବିରୋଧ କରିଥିଲେ।

# ପଟ୍ଟାମୁଣ୍ଡାଇ ବ୍ଲକର ୧୧୩ ଶିକ୍ଷକଙ୍କ ପଦୋନ୍ନତି ଆଦେଶ ସ୍ଥଗିତ

**କେନ୍ଦ୍ରାପଡ଼ା, ୧୭।୭ (ଜଗନ୍ନାଥ ଧଳ)**

ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ୧୧୩ ଜଣ ଶିକ୍ଷକଙ୍କୁ ସୋମବାର ପଦୋନ୍ନତି ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ସ୍ଥଗିତ ରଖାଯାଇଛି। ଏଥିରେ ୨ ଜଣ ଶିକ୍ଷକ ଲେବୁଲ-୩କୁ ଉନ୍ନୀତ ହୋଇ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଥିବାବେଳେ ୪୨ଜଣ ଶିକ୍ଷକ ଲେବେଲ-୩କୁ ଉନ୍ନୀତ ହୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଛନ୍ତି। ସେହିପରି ୨୪ ଜଣ ଶିକ୍ଷକ ଲେବଲ ୪କୁ ପଦୋନ୍ନତି ପାଇଥିବାବେଳେ ୪୫ଜଣ କଳା ଓ ବିଜ୍ଞାନର ଗ୍ରାଜୁଏଟ ଶିକ୍ଷକ ଲେବଲ -୪କୁ ପଦୋନ୍ନତି ପାଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସହକାରୀ ଶିକ୍ଷାଧିକାରୀ ଚନ୍ଦ୍ରଶେଖର ତ୍ରିପାଠୀ ଓ ସିଆରସିସି ମଳୟ ଜେନା ଓ ବିଶ୍ୱରନ ଦାଶ ପ୍ରମୁଖ ପଦୋନ୍ନତି ପାଇଥିବା ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ସହିତ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଓ ଅଭିନନ୍ଦନ ଜ୍ଞାପନ କରିଥିଲେ। ତେବେ ପଟ୍ଟାମୁଣ୍ଡାଇ ବ୍ଲକରେ ୧୭ଟି ସ୍କୁଲ ଜଣେ ଶିକ୍ଷକରେ ଚାଲିଥିବାରୁ ସମଗ୍ର ବ୍ଲକ ଓ ପୌରାଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ନିକଟରେ ଅଭିଯୋଗ ହେବାରୁ ଜିଲାପାଳ ସମସ୍ତ ବିଷୟରେ ଅବଗତ ହେବା ସହ ସ୍ଥିତି ସମୀକ୍ଷା କରିଥିଲେ। ଏହା ପରେ ଜିଲାପାଳ ପଟ୍ଟାମୁଣ୍ଡାଇ ବ୍ଲକର ଶିକ୍ଷକ ପଦୋନ୍ନତି ଆଦେଶକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ପିସିସି ସଭାପତିଙ୍କ ନିଷ୍ପତ୍ତିକୁ କେନ୍ଦ୍ରାପଡ଼ାରେ ବିରୋଧ




**କେନ୍ଦ୍ରାପଡ଼ା, ୧୭।୭ (ଜଗନ୍ନାଥ ଧଳ)**

ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଓ କଟକ ବିଧାୟକ ମହମ୍ମଦ ମୋକିମଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏହାର ବିରୋଧ ପ୍ରଭାବ ସୋମବାର କେନ୍ଦ୍ରାପଡ଼ାରେ ଦେଖିବାକୁ ମିଳିଛି। ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହକରାଯାଇଛି। ଏ ସମ୍ପର୍କରେ ଯୁବ ସଭାପତି ସାମଲ କହିଛନ୍ତି, ଏହି ନିଲମ୍ବନ ଆଦେଶ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାଦ୍ୱାରା ଦଳୀୟ ସଙ୍ଗଠନରେ ଫାଟ ବଢୁଛି। ନିଲମ୍ବିତ ଏହି ୨ ନେତା ଓଡ଼ିଶା ପ୍ରଦେଶ କଂଗ୍ରେସ ପାଇଁ ସଦାସର୍ବଦା ଏକ ଅଙ୍ଗ ହୋଇ ରହିଛନ୍ତି। ଏମାନଙ୍କ ନିଲମ୍ବନ ଆଦେଶ ଶୀଘ୍ର ଉଠାଇ ନେବାକୁ କୁଶପୁତ୍ତଳିକା ଦାହ ଦ୍ୱାରା ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ଚେତାଇ ଦିଆଯାଇଥିବା ଯୁବ ସଭାପତି ସାମଲ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର କର୍ମକର୍ତ୍ତା ରାଜମୋହନ ସ୍ୱାଇଁ, କ୍ଷୀରୋଦ ବେହେରା, ଓଁକାର ମହାନ୍ତି, ଦେବାଶିଷ ମହାନ୍ତି, ଅକ୍ଷୟ ନାୟକ, ସତ୍ୟବ୍ରତ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଶିକ୍ଷକ ସଂଘର ହସ୍ତକ୍ଷେପ ପରେ ଆତ୍ମାହୁତି ନିଷ୍ପତ୍ତିରୁ ଓହରିଲେ ପ୍ରଧାନ ଶିକ୍ଷକ

**ଡେରାବିଶ ୧୭।୭ (ବେବର୍ତ୍ତା ଅଜୟ ଦାସ)**

ମାନସିକ ଯନ୍ତ୍ରଣା ଭୋଗିବା ସହ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଥିବା ଜଣେ ପ୍ରଧାନ ଶିକ୍ଷକ ଅନ୍ୟତ୍ର ବଦଳି ପାଇଁ ଉଚ୍ଚ ଅଧିକାରୀଙ୍କ ନିକଟରେ ବାରମ୍ବାର ଆବେଦନ କରି ବିଫଳ ହେବା ପରେ ସୋମବାର ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଧାନ ଶିକ୍ଷକ ଜଣକ ହେଲେ ବ୍ଲକ ଅଧୀନ ବାରିମୂଳ ପଞ୍ଚାୟତ ରାଧାମୋହନଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖଗେଶ୍ୱର ନାଥ। ଶିକ୍ଷକ ସଂଘର ହସ୍ତକ୍ଷେପ ପରେ ଆତ୍ମାହୁତି ନିଷ୍ପତ୍ତିରୁ ସେ ଓହରି ଯାଇଛନ୍ତି। ଦୀର୍ଘବର୍ଷ ଧରି ସମ୍ପୃକ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ଖଗେଶ୍ୱରଙ୍କୁ ୨ ସହକାରୀ ଶିକ୍ଷୟିତ୍ରୀଙ୍କ ଅସହଯୋଗ ଓ ସ୍ୱାସ୍ଥ୍ୟଗତ କାରଣରୁ ସେ ମାନସିକ ଯନ୍ତ୍ରଣା ଭୋଗିବା ସହ ତାଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି ପାଇଁ ୨୦୨୨ ଡିସେମ୍ବରରୁ ଡେରାବିଶ ବ୍ଲକ ଶିକ୍ଷାଧିକାରୀ, କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀଙ୍କ ସମେତ ଜିଲାପାଳ, ଜିଲା ପରିଷଦ ସଭାପତି, ପାଟକୁରା ବିଧାୟିକା, ନିର୍ଦ୍ଦେଶକ ଗଣଶିକ୍ଷା ବିଭାଗ ଓ ୫-ଟି ସଚିବଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ। ତାଙ୍କ ଦାବିପତ୍ର ଉପରେ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନ ନେବାରୁ ଗତ ବୁଧବାର ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଖଗେଶ୍ୱର ୧୫ ତାରିଖ ସୁଦ୍ଧା ଅନ୍ୟତ୍ର ବଦଳି ନ କଲେ ଆତ୍ମାହୁତି କରିବେ ବୋଲି ଜଣାଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଖଗେଶ୍ୱର ପହଞ୍ଚିବା ପୂର୍ବରୁ ଡେରାବିଶ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମନ୍ୱୟ କମିଟିର ଉପଦେଷ୍ଟା ସୁବୋଧ ପରିଡାଙ୍କ ନେତୃତ୍ୱରେ ସଭ୍ୟ ହରେକୃଷ୍ଣ ମହାନ୍ତି, ଲଲାଟ କିଶୋର ଭୂୟାଁ, ରମେଶ ଚନ୍ଦ୍ର ପତି, ଅମିତା ବାଇଙ୍କ ସମେତ ବହୁ ଶିକ୍ଷକ ପ୍ରଧାନ ଶିକ୍ଷକ ଖଗେଶ୍ୱରଙ୍କୁ ଏଥିରୁ ନିବୃତ ରହିବାକୁ ବୁଝାଶୁଝା କରିଥିଲେ। ପରେ ବ୍ଲକ ଶିକ୍ଷାଧିକାରୀଙ୍କ ସହ ସମନ୍ୱୟ କମିଟିର ଉପଦେଷ୍ଟା ପରିଡ଼ା ଓ ଅନ୍ୟମାନେ ଆଲୋଚନା କରିବା ପରେ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଖଗେଶ୍ୱରଙ୍କୁ ବାରିମୂଳ ପ୍ରାଥମିକ ବିଦ୍ୟାଳୟରୁ ବୁଝାମଣା ଭିତ୍ତିରେ ବ୍ଲକ ଅଧୀନ ବଡ଼ସଲାର ପ୍ରାଥମିକ ବିଦ୍ୟାଳୟ କିମ୍ବା ଅନ୍ୟ ଏକ ବିଦ୍ୟାଳୟକୁ ସ୍ଥାନାନ୍ତର ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ସୁପାରିସ କରିଥିଲେ। ପ୍ରଧାନ ଶିକ୍ଷକ ଖଗେଶ୍ୱର ବ୍ଲକ ଶିକ୍ଷାଧିକାରୀଙ୍କ ଏଭଳି ନିଷ୍ପତ୍ତିରେ ନିଜର ସମ୍ମତି ପ୍ରକାଶ କରିବା ସହ ପୂର୍ବରୁ ଘୋଷଣା କରିଥିବା ଆତ୍ମାହୁତି ନିଷ୍ପତ୍ତିରୁ ଓହରିଯାଇଥିବା ସୂଚନା ଦେଇଥିଲେ। ଏହି ଆଲୋଚନା ବେଳେ ସିଆର୍‌ସିସି ଖଗେଶ୍ୱର ନାୟକଙ୍କ ସମେତ ବହୁ ସିଆର୍‌ସିସି ଓ ଅନ୍ୟ ଶିକ୍ଷକ ମାନେ ଉପସ୍ଥିତ ରହିଥିଲେ। ଆତ୍ମାହୁତି ଭଳି ଘଟଣା ପାଇଁ କେନ୍ଦ୍ରାପଡ଼ା ସଦର ଥାନା ଆଇଆଇସି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ସେଠାରେ ଉପସ୍ଥିତ ରହିଥିଲେ।



ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ପ୍ରଧାନ ଶିକ୍ଷକ ଖଗେଶ୍ୱରଙ୍କୁ ଆତ୍ମାହୁତିରୁ ନିବୃତ୍ତ କରାଉଛନ୍ତି।

## ସଂକ୍ଷେପରେ

### ବିଭିନ୍ନ ଶୈବପୀଠରେ କାଉଡିଆଙ୍କ ଭିଡ଼

ପାରଳାଖେମୁଣ୍ଡି,୧୭।୭(ଗିରିଧାରୀ ପରିଚ୍ଛା)- ପାରଳାଖେମୁଣ୍ଡିସ୍ଥିତ ବିଭିନ୍ନ ଶିବାଳୟ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଶିବ ମନ୍ଦିରଗୁଡ଼ିକରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅବସରରେ କାଉଡିଆମାନଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଲଗାଣ ବର୍ଷା ସତ୍ତ୍ୱେ ସହରର ରାମଲିଙ୍ଗେଶ୍ୱର, ଚନ୍ଦ୍ରଶେଖର, ଡେଙ୍ଗା ଦେଉଳ, ମାଉୁଆ ମହାଦେବ, ନାଗାର୍ଜୁନ ବିଭିନ୍ନ ଶିବାଳୟରେ ଭକ୍ତଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ଏଥିପାଇଁ ସହରର ବିଭିନ୍ନ ଜଳାଶୟରେ ଭୋରରେ କାଉଡିଆଙ୍କ ଭିଡ ଦେଖିବାକୁ ମିଳିଥିବାବେଳେ ମୁଖ୍ୟତଃ ପାରଳାଖେମୁଣ୍ଡିର ଐତିହାସିକ ମହେନ୍ଦ୍ରତନୟା ତୁଠରେ କାଉଡିଆମାନେ ଭିଡ ଜମାଇଥିଲେ। ସେଠାରୁ ଜଳ ନେଇ ବିଭିନ୍ନ ଶିବାଳୟକୁ ଲମ୍ବାଧାଡ଼ିରେ ଯାତ୍ରା କରିଥିଲେ।

### ଭାରତୀ ବିଦ୍ୟାପୀଠ ପରିସରରେ ଚାରାରୋପଣ

ଗଞ୍ଜାମ,୧୭।୭(ବିଦ୍ୟାଧର ସାହୁ)-ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ହାଇସ୍କୁଲ ପରିସରରେ ସୋମବାର ଚାରା ରୋପଣ କରାଯାଇଥିଲା। ଏବିଇଓ ତଥା ବିଆରସି ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ହାଇସ୍କୁଲ କ୍ଲର୍କ ହରିହର ବାରିକ, ପୂର୍ବତନ ସରପଞ୍ଚ ଡି. ଗୋବିନ୍ଦ ରେଡ୍ଡୀ, କାଇଁଚପୁର କୃଷକ ସାଥୀ ଘନଶ୍ୟାମ ରେଡ୍ଡୀ, ସାମାଜିକ କର୍ମୀ କେ. ମାସେନୁ ରେଡ୍ଡୀ, ବାଲିଲୋକନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ଅଶୋକ ମାଲୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଔଷଧୀୟ ଗଛ ଲଗାଯାଇଥିଲା। ଏହାର ଯତ୍ନ ନେବା ପାଇଁ ହାଇସ୍କୁଲ ରାତ୍ର ଜଗୁଆଳି ପ୍ରକାଶ ପଣ୍ଡାଙ୍କୁ ଏବିଇଓ ବେହେରା ପରାମର୍ଶ ଦେଇଛନ୍ତି।

### କୃଷି କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

କବିସୂର୍ଯ୍ୟନଗର,୧୭।୭(କୃପାସିନ୍ଧୁ ସ୍ୱାଇଁ)- ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ଗଞ୍ଜାମ ଶାଖା ତରଫରୁ କବିସୂର୍ଯ୍ୟନଗର ବ୍ଲକରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ କଳା ବ୍ୟାଜ୍ ପରିଧାନ କରି ଅନୁସୃତ ଗଣତାନ୍ତ୍ରିକ ଉପାୟରେ ନିଜର ଚାକିରି ସମ୍ବନ୍ଧୀୟ ବିଭିନ୍ନ ଦାବିଗୁଡିକୁ ନେଇ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଆରମ୍ଭ କରାଯାଇଛି। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ବ୍ଲକ ସଭାପତି ଚିତ୍ରସେନ ପରିଡ଼ା, ମନୋରଞ୍ଜନ ମହାନ୍ତି, ଟିକିନା ସାହୁ, ପ୍ରଶାନ୍ତ ପାତ୍ର ଓ ଆଶାରାଣୀ ପାତ୍ର ଏବଂ ଅନ୍ୟମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି। ଗତ ୧୨ତାରିଖରେ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରତିବାଦ କରିବା ପାଇଁ ସ୍ମାରକପତ୍ର ମଧ ପ୍ରଦାନ କରାଯାଇଥିଲା।

### ମଦ ଜବତ, ଜଣେ ଗିରଫ

ଖଲ୍ଲିକୋଟ,୧୭।୭(ପ୍ରଶାନ୍ତ କୁମାର ମିଶ୍ର)-୧୬ ନମ୍ବର ଜାତୀୟ ରାଜପଥ ବଡ଼ଘାଟିରେ ସୋମବାର ଖଲ୍ଲିକୋଟ ପୋଲିସ ଚଢ଼ାଉ କରି ଚୋରା ଦେଶୀ ମଦ ସହ ଏକ ଅଟୋକୁ ଜବତ କରିଛି। ଏହି କାରବାର ଅଭିଯୋଗରେ ପାଟପୁର ଥାନା କେଶପୁର ଗ୍ରାମର ସୁଧାଂଶୁ ଶେଖର ଶତପଥୀଙ୍କୁ ଗିରଫ କରାଯାଇଛି। ଗୁହାରିଆପାଟ ଅଞ୍ଚଳରୁ ଭୁବନେଶ୍ୱର ଅଭିମୁଖେ ଏକ ଅଟୋ (ନଂ ଓଡି ୦୭ ଏକ୍ସ ୯୯୩୧) ଯୋଗେ ଚୋରା ଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ପୋଲିସ ଜାତୀୟ ରାଜପଥର ବଡ଼ଘାଟିରେ ଚଢ଼ାଉ କରି ୩୦୦ ଲିଟର ମଦ ସହ ଅଟୋକୁ ଜବତ କରିଥିଲେ। ଏ ନେଇ ୫୦୫/୨୩ ରେ ମାମଲା ରୁଜୁ ହୋଇଛି।

### ଅନ୍ତ୍ୟୋଦୟ ଯୋଜନାରେ ସାମିଲ ପାଇଁ ଗୁହାରି

ଖଜୁରିପଡ଼ା,୧୭।୭(ବିଦୁର ବେହେରା)- ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୂତିପଡା ପଞ୍ଚାୟତର ମାଲଗୁଣ୍ଡି ଗ୍ରାମର ସୋମବାର କନ୍ଧମାଳ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଅସହାୟ ବୃଦ୍ଧ ବୃଦ୍ଧା ଆଦ୍ୟା ସେଠୀ(୬୫) ଏବଂ ସେବତୀ ସେଠୀ(୬୨) ଯାଇ ନିଜର ଦୁଃଖ ବଖାଣି ଜଣାଇଥିଲେ। ଆମେ ଦୁଇ ଓଳି ପାଇଁ ଖାଦ୍ୟ ଯୋଗାଡ଼ କରିବାକୁ ସକ୍ଷମ ନାହୁଁ। ଆମର ପୁଅ ଝିଅ କେହି ନାହାନ୍ତି ଆମେ ବେସାହାରା। ବାର୍ଦ୍ଧକ୍ୟ ଅବସ୍ଥା ଯୋଗୁଁ କେଉଁଠି ହେଲେ ମୂଲ ମଜୁରୀ କରି ପାରୁ ନାହୁଁ। ମାସକୁ ଭତ୍ତା ହଜାରେ ଟଙ୍କା ପାଉଛୁ ଏବଂ ଚାଉଳ ୧୦ କେଜି ପାଉଛୁ। ତାହା ମାସ ସାରା ଚଳିବା କଷ୍ଟ ହେଉଛି ବାବୁ ତେଣୁ ଆମକୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସକୁ ୩୫ କିଲୋ ଚାଉଳ ଯୋଗାଇ ଦେବାକୁ ସେମାନେ ଗୁହାରୀ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ବ୍ଲକ କାର୍ଯ୍ୟାଳୟ ଗଲା ସେଠାରେ କିନ୍ତୁ ଅନ୍ତୋଦୟ ଯୋଜନାରେ ସାମିଲ କରିବା ପାଇଁ ଖାଲି ନାହିଁ କହିଦେଲେ। ପରବର୍ତ୍ତୀ ସମୟରେ କରିଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଲା। ମାତ୍ର ଦିନ ପରେ ଦିନ ବିତି ଯାଇଥିଲେ ସୁଦ୍ଧା ଏହି ଅସହାୟ ବୃଦ୍ଧା ବୃଦ୍ଧଙ୍କର ଅନ୍ତୋଦୟ ଯୋଜନାରେ ସାମିଲ ହୋଇ ପାରିଲା ନାହିଁ। ଶେଷରେ ଜିଲାପାଳଙ୍କୁ ଅଭିଯୋଗ ଜଣାଇ ମଧ ନିରାଶ ହୋଇଥିବା କହିଛନ୍ତି ସେବତୀ ଏବଂ ଆଦ୍ୟା ସେଠୀ। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ହୋଇପଡିଛି।

# ନୀଳମାଧବ ଜୀଉ ଚିତା ଲାଗି ହେଲେ

ଖଣ୍ଡପଡ଼ା,୧୭।୭
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବରେ ପରିଚିତ କଣ୍ଟିଲୋର ନୀଳମାଧବ ଜୀଉଙ୍କ ପବିତ୍ର ଚିତାଲାଗି ଅମାବାସ୍ୟାରେ ଶ୍ରୀଜୀଉଙ୍କୁ ସୁବର୍ଣ୍ଣର ଚିତା ଲାଗି କରାଯାଇଥିଲା। ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ଶ୍ରୀଜୀଉଙ୍କର ସକାଳ ଧୂପ ଶେଷ ହେବା ପରେ ମନ୍ଦିରର ମୁଖ୍ୟ ପୂଜକ ସୁବର୍ଣ୍ଣର ଚିତାକୁ ଧରି ବେଢ଼ା ପରିକ୍ରମା କରିବା ପରେ ଶ୍ରୀଜୀଉଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଭୋଗ କ୍ଷୀର ଓ ଚିତୋଉ ପିଠା ଶ୍ରୀଜୀଉଙ୍କୁ ଲାଗି ହୋଇଥିଲା। ଚିତାଲାଗି ଅମାବାସ୍ୟା ସଂକ୍ରାନ୍ତ ଉପଲକ୍ଷେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ଅପରପକ୍ଷରେ କଣ୍ଟିଲୋ ଓ ଆଖପାଖ ଅଞ୍ଚଳର ମହିଳାମାନେ ଚିତାଲାଗି ଅମାବାସ୍ୟା ପାଳନ ଅବସରରେ ଘରେ ଘରେ ଚିତୋଉ ପିଠା ପ୍ରସ୍ତୁତ କରି ମହାନଦୀକୁ ଯାଇ ପୂଜା କରି ନଦୀ ଗର୍ଭରେ ପକାଉ ଥିବା ପରିଲକ୍ଷିତ ହୋଇଛି। ସେହିପରି ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳାସ୍ଥ ମଧୁକର୍ଣ୍ଣିକା ପାହାଡ଼ ଉପରେ ବିରାଜିତ ପ୍ରଭୁ ଶ୍ରୀଗୋକୁଳାନନ୍ଦଙ୍କ ପୀଠରେ ଚିତାଲାଗି ଅମାବାସ୍ୟା ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ ନୀତିକାନ୍ତ ଶେଷ ପରେ ପୂଜକମାନେ ବିଗ୍ରହ ରାଧାକୃଷ୍ଣଙ୍କୁ ସ୍ୱର୍ଣ୍ଣ ଚିତା ଲାଗି କରିଥିଲେ। ଏଠାରେ ଥିବା ୧୦ ଏକର ପରିମିତ ଫଳ ଉଦ୍ୟାନରେ ବିଧି ଅନୁସାରେ ଚିତୋଉ ପୋତା ଯାଇଥିଲା। ପରେ ନଡ଼ିଆ ଓ ଚାଉଳରେ ପ୍ରସ୍ତୁତ ହୋଇଥିବା ଚିତୋଉ ପିଠା ବିଗ୍ରହଙ୍କ ନିକଟରେ ଲାଗି କରାଯାଇଥିଲା। ପବିତ୍ର ଚିତାଲାଗି ଅମାବାସ୍ୟା ପ୍ରଭୁଙ୍କ ପୀଠ ପରିସରରେ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତିଷ୍ଠାତା ସଦସ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଚନ୍ଦ୍ର ଶେଖର ସ୍ୱାଇଁ ଓ ପୂଜକ ଅଖିଳ ପାଣି ସହଯୋଗ କରିଥିଲେ। ସେହିପରି ଖଣ୍ଡପଡ଼ା ଜଗନ୍ନାଥ ଜୀଉଙ୍କ ସମେତ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଦେବାଳୟ ଓ ମଠ ପରିସରରେ ଏହିପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି।



ନୀଳମାଧବ ଜୀଉ ଓ ଗୋକୁଳାନନ୍ଦ ଜୀଉ।

# ଏନ୍ଏସି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ

ଖଣ୍ଡପଡ଼ା,୧୭।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ବିଭିନ୍ନ ୱାର୍ଡରେ ୧୬ ଟି ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ଖଣ୍ଡପଡ଼ା ଏନ୍ଏସି ପକ୍ଷରୁ ଇ-ଟେଣ୍ଡର ପ୍ରକ୍ରିୟା ଜରିଆରେ ଠିକାଦାରମାନଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। କାର୍ଯ୍ୟାଳୟର ସମସ୍ତ ନୀତି ନିୟମ ପ୍ରକାରେ ୧୬ ଜଣ ଠିକାଦାର ସମସ୍ତ ଆନୁଷଙ୍ଗିକ କାଗଜ ପତ୍ର ସହ ଆବେଦନ ପତ୍ର ଗୁଡ଼ିକ ଟେଣ୍ଡର ବାକ୍ସରେ ପକାଇ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ଉପସ୍ଥିତରେ ଜୁନ ୨୬ରେ ଟେଣ୍ଡର ବାକ୍ସ ଖୋଲାଯାଇ ସମସ୍ତ ଆବେଦନପତ୍ର ଗୁଡ଼ିକ ଯାଞ୍ଚ କରାଯିବ। ତେବେ ସମସ୍ତ ଟେଣ୍ଡରରେ ଠିକାଦାରମାନେ ସମାନ ମୂଲ୍ୟ ଦର୍ଶାଇ ଥିବାରୁ ସେଗୁଡିକ ମଙ୍ଗଳବାର ଲଟେରୀ ମାଧ୍ୟମରେ ଚୂଡ଼ାନ୍ତ କରିବା ପାଇଁ ଲଟେରୀ ପ୍ରକ୍ରିୟା କରାଯାଉଥିବା ଜଣାଯାଇଛି। ମାତ୍ର ପରବର୍ତ୍ତୀ ସମୟରେ ଏନ୍ଏସି କର୍ତ୍ତୃପକ୍ଷ ଟେଣ୍ଡର ପକାଇଥିବା ୧୬ ଜଣ ଠିକାଦାରଙ୍କ ମଧ୍ୟରୁ ମାତ୍ର ୧୦ ଜଣଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଲଟେରୀ ଜରିଆରେ ଟେଣ୍ଡର ପ୍ରକ୍ରିୟାର ଫଳାଫଳ ଘୋଷଣା ହେବାକୁ ଥିବା ବେଳେ ଏନ୍ଏସି କର୍ତ୍ତୃପକ୍ଷ ଜାଣିଶୁଣି ୬ ଜଣ ଠିକାଦାରଙ୍କୁ ବାଦ ଦେଇଥିବା ଅଭିଯୋଗ ହେଉଛି। ଠିକାଦର ଜ୍ୟୋତି ରଞ୍ଜନ ମିଶ୍ର ଏ ସମ୍ପର୍କରେ ପ୍ରଶ୍ନ ଉଠାଇ ଟେଣ୍ଡର ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ତଦନ୍ତ ନିମନ୍ତେ ଦାବି କରିଛନ୍ତି। କେଉଁ ନିୟମ ବଳରେ ୬ ଜଣ ଠିକାଦରଙ୍କୁ ବାଦ ଦିଆଗଲା ସେ ସମ୍ପର୍କରେ ଏନ୍ଏସି କର୍ତ୍ତୃପକ୍ଷ କୌଣସି ସୂଚନା ଦେଉ ନ ଥିବାରୁ ବାଦ ପଡ଼ିଥିବା ଠିକାଦାରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟେଣ୍ଡର ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନୟାଗଡ଼ ଜିଲାପାଳ, ପୌର ନିର୍ଦ୍ଦେଶକ ଓ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏନ୍ଏସି ଅଧ୍ୟକ୍ଷାଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିବା ନେଇ ଠିକାଦର ଶ୍ରୀ ମିଶ୍ରଙ୍କଠାରୁ ପ୍ରକାଶ। ଏ ସମ୍ପର୍କରେ ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କୁ ପଚାରିବାରେ ଅଭିଯୋଗ ପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ବର୍ଷ ବର୍ଷ ଧରି ପୁରୁଣା ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକ ଶେଷ କରି ନ ଥିବା ଠିକାଦାରମାନଙ୍କୁ ଚଳିତ ଟେଣ୍ଡର ପ୍ରକ୍ରିୟାରୁ ବାଦ ଦିଆଯାଇଥିବା ନେଇ ଏନ୍ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ସୂଚନା ଦେଇଛନ୍ତି।

# କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କ ଜଲେଶପଙ୍କା ଆଶ୍ରମ ପରିଦର୍ଶନ

କୋଟଗଡ଼,୧୭।୭(ସରୋଜ ବଳିୟାର ସିଂ)

କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସୋମବାର ଦିନିକିଆ କନ୍ଧମାଳ ଗସ୍ତରେ ଆସି ଜି.ଉଦୟଗିରି ଓ ବାଲିଗୁଡା ନିର୍ବାଚନମଣ୍ଡଳୀ ପରିଦର୍ଶନ କରିଛନ୍ତି। ପ୍ରଥମେ ମନ୍ତ୍ରୀ ଫୁଲବାଣୀରୁ ସକାଳୁ ବାହାରି ଜି.ଉଦୟଗିରିରେ ପହଞ୍ଚି ଦଳୀୟ ନେତା କର୍ମୀଙ୍କୁ ଭେଟିବା ସହ ଆୟୋଜିତ ସଞ୍ଚାଳନ ସମିତି ଓ କୋର କମିଟି ବୈଠକରେ ଯୋଗଦାନ କରିଥିଲେ। ଏହାପରେ ମନ୍ତ୍ରୀ ଅପରାହ୍ନରେ ବାଲିଗୁଡ଼ାରେ ପହଞ୍ଚି ଗାୟତ୍ରୀ ମନ୍ଦିରଠାରେ ଆୟୋଜିତ ସଞ୍ଚାଳନ ସମିତି ଓ କୋର କମିଟି ବୈଠକରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷ ଶାସନ କାଳର ସଫଳତା କହିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟରେ ଭାଜପା କିଭଳି ସରକାର ଗଠନ କରିବ ସେ ନେଇ କାମ କରିବାକୁ କହିଥିଲେ। ଏହାପରେ ମନ୍ତ୍ରୀ ତୁମୁଡିବନ୍ଧସ୍ଥିତ ଜଲେଶପଙ୍କା ସଂସ୍କୃତ କନ୍ୟାଶ୍ରମ ଗସ୍ତରେ ଯାଇ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପରେ ମନ୍ତ୍ରୀ ଛାତ୍ରୀଙ୍କୁ ଭେଟି ଭାବ ବିନିମୟ କରିବା ସହ ସନାତନ ଧର୍ମର ଗୌରବ ବୃଦ୍ଧି ସହ ବେଦ, ମନ୍ତ୍ର ପଢି ରାଷ୍ଟ୍ରକୁ ଶକ୍ତିଶାଳୀ କରିବାରେ ସହାୟ ହୁଅନ୍ତୁ ବୋଲି କହିଥିଲେ। ଏହା ସହ ଯେଉଁଭଳି ଭାବେ ସ୍ୱାମିଜୀଙ୍କୁ ହତ୍ୟା କଲେ, ତାକୁ ସେ ଘୋର ନିନ୍ଦା କରିବା ସହ ଆଜି ଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଯୋଗୁ ତୀବ୍ର ଅସନ୍ତୋଷ ପ୍ରକାଶ କଲେ। ମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ରାଜ୍ୟ ଭାଜପା ପ୍ରବକ୍ତା ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀ, ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ, ସମ୍ପାଦକ ଦେବେନ୍ଦ୍ର କୁଦେଇଙ୍କ ସମେତ ଦଳର ଶତାଧିକ ପ୍ରମୁଖ ନେତା କର୍ମୀ ଉପସ୍ଥିତ ଥିଲେ।


କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ସହ ଅନ୍ୟମାନେ।

### ବିଭିନ୍ନ ଦୋକାନରେ ଚଢ଼ାଉ, ଜରିମାନା ଆଦାୟ

ଖଲ୍ଲିକୋଟ,୧୭।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଏନ୍ଏସିରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ପାନ ଦୋକାନ, ତେଜରାତି ଦୋକାନ, ହୋଟେଲରେ ଚଢ଼ାଉ କରି ୪୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ଫୁଡ୍ ସେଫ୍ଟି ଅଧିକାରୀ ଶଚିଦାନନ୍ଦ ପୃଷ୍ଟି, ଡ୍ରଗ୍ସ ଇନ୍ସପେକ୍ଟର ଲଳିତ କୁମାର ସାହୁ, ଜିଲା ପବ୍ଲିକ ହେଲ୍ଥ ଅଫିସରୁ ଆସିଥିବା ଅନନ୍ତ କୁମାର ନାଏକ ଉପସ୍ଥିତ ଥିଲେ। ଜୁନ ୨୨ଠାରୁ ୨୯ ଜୁଲାଇ ୨୦୨୩ ଯାଏ ତମାଖୁ ମୁକ୍ତ ଅଭିଯାନ ଚାଲିଥିବା ବେଳେ ତମାଖୁ ସେବନରୁ ନିବୃତ୍ତ ରହିବା ପାଇଁ ଯୁବକ ଏବଂ କଲେଜ ଛାତ୍ରଙ୍କୁ ସଚେତନତା କରାଯାଉଛି ବୋଲି ଫୁଡ୍ ସେଫଟି ଅଫିସର ପୃଷ୍ଟି ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ବେଆଇନ ଗୁଟ୍ଖା କାରବାର କରୁଥିବା ଦୋକାନୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏହି ଚଢ଼ାଉ ସମୟରେ ଖଲ୍ଲିକୋଟ ପୋଲିସ ଏବଂ ଅବକାରୀ ପୋଲିସ ଉପସ୍ଥିତ ଥିଲେ।

# ଚିତାଲାଗି ଅମାବାସ୍ୟା ପାଳିତ



ଭାପୁର,୧୭।୭ (ଭରତ କୁମାର ବେହେରା)

ଚିତାଲାଗି ଅମାବାସ୍ୟା ଅବସରରେ ଭାପୁର ଅଞ୍ଚଳରେ ପାଳନ କରାଯାଇଛି। ଏହା ଏକ କୃଷିଭିତ୍ତିକ ପର୍ବ ଅଟେ। ଘରେ ମହିଳାମାନେ କୋଡ଼ି ଉପରେ ଚିତଉ ପିଠା କରି ଧାନ ବିଲରେ ପୂଜାର୍ଚ୍ଚନା କରି ମା' ଲକ୍ଷ୍ମୀଙ୍କୁ ଆବାହନ କରି ଅଧିକ ଫସଲ ଅମଳ ପାଇଁ ଏହି ପର୍ବ ପାଳନ କରାଯାଇଥାଏ। ହେଲେ ବିଡ଼ମ୍ବନାର ବିଷୟ ମୌସୁମୀ ବର୍ଷା ଡେରି ଓ ବର୍ଷା କମ୍ ହୋଇଥିବାରୁ ଚଳିତବର୍ଷ ଶୃଙ୍ଖଳା ବିଲରେ ଚିତଉ ପିଠା ପୋତି ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟେକ କୃଷକ ପରିବାର ପକ୍ଷରୁ ସୋମବାର ଗେଣ୍ଡାଙ୍କୁ ପୂଜା କରାଯିବା ସହ ସେମାନଙ୍କୁ ଚିତଉ ପିଠା ଖାଇବାକୁ ଦିଆଯାଇଛି। ଚାଷ ଜମିର ମିତ ଭାବେ ପରିଚିତ ଗେଣ୍ଡା କୃଷକଙ୍କ ବନ୍ଧୁ। ବର୍ଷାଦିନେ ତଥା ଶ୍ରାବଣ ମାସରେ ଚାଷ ଜମିରେ ଅସଂଖ୍ୟ ଗେଣ୍ଡା ଜନ୍ମଲାଭ କରୁଥିବା ବେଳେ ମାଟିକୁ ହାଲୁକା ଛିଦ୍ରଯୁକ୍ତ କରାଇ ଉର୍ବର କରିଥାନ୍ତି। ଚାଷଜମିରେ ଗେଣ୍ଡା ରହି ଅପକାରୀ ଶୈବାଳ, ଚକଡ଼ା ପୋକ ଆଦିକୁ ଭକ୍ଷଣ କରିବା ସହ ଚାଷକୁ ସୁରକ୍ଷା ଦେଇଥାନ୍ତି। ମୃତ୍ତିକାର ଉପକାର କଲେ ମଧ ଚାଷୀଙ୍କ ପାଦକୁ ଗେଣ୍ଡା କାଟି ଦେଇଥାଏ। ତେଣୁ ଚିତାଲାଗି ଅମାବାସ୍ୟାରେ ପ୍ରତ୍ୟେକ ଚାଷୀ ପରିବାର ପକ୍ଷରୁ ଅରୁଆ ଚାଉଳରେ ଚିତଉ ପିଠା ଓ ଗଇଁଠା ପିଠା କରାଯାଇ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଖାଇବା ପାଇଁ ଜମିରେ ଦିଆଯାଇଥିଲା। ଏଥିସହ ବନ୍ୟା ଜଳରୁ ଫସଲର ସୁରକ୍ଷା ପାଇଁ ବରୁଣ ଦେବତାଙ୍କ ଉଦ୍ଦେଶ୍ୟରେ ପାଣିରେ ଚିତଉ ପିଠାକୁ ଚାଷୀମାନେ ଭସାଇଥିବା ପରିଲକ୍ଷିତ ହୋଇଥିଲା। ଏହାଦ୍ୱାରା ଗେଣ୍ଡାମାନେ କୃଷିର ସୁରକ୍ଷା କରିବା ସହ କୃଷକଙ୍କୁ ନିଜର ବନ୍ଧୁ ବୋଲି ଭାବି ଆକ୍ରମଣ କରିବେ ନାହିଁ, ବରୁଣ ଦେବତାଙ୍କ ଆଶୀର୍ବାଦରୁ ବର୍ଷା ଓ ବନ୍ୟାରେ ଫସଲ କ୍ଷତି ହେବନାହିଁ ବୋଲି ଲୋକକଥା ଥିବା ପ୍ରଚଳିତ ଅଛି।

# ଆବାସ ଗୃହ ନିର୍ମାଣରେ ସମସ୍ୟା

## ଚଢ଼ା ଦରରେ ବିକ୍ରି ହେଉଛି ଆବଶ୍ୟକ ସାମଗ୍ରୀ

ପାରଳାଖେମୁଣ୍ଡି,୧୭।୭ (ଗିରିଧାରୀ ପରିଚ୍ଛା)

ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ସମସ୍ୟା ସୃଷ୍ଟି କରୁଛି ଆବଶ୍ୟକ ସାମଗ୍ରୀ। ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିବା ପରେ ହିତାଧିକାରୀମାନେ ଘର କାମ ଆରମ୍ଭ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ହେଲେ ଘର କାମ କରିବାକୁ ଆବଶ୍ୟକ ହେଉଥିବା ବାଲି, ଇଟା, ପଥର, ସିମେଣ୍ଟ ଓ ଲୁହା ଚଢ଼ା ଦରରେ ବିକ୍ରି ହେଉଥିବା ଯୋଗୁ ସମସ୍ୟା ଉପୁଜୁଛି। ଗଜପତି ଜିଲା ଗୁମ୍ମା ବ୍ଲକର ୨୦ ପଞ୍ଚାୟତ ନିମନ୍ତେ ୩୫୨୪ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ଆବଶ୍ୟକ ସାମଗ୍ରୀ ଦର ବୃଦ୍ଧି ଯୋଗୁ ଚିନ୍ତାରେ ହିତାଧିକାରୀ। ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସମୟରେ ଆବଶ୍ୟକ ସାମଗ୍ରୀ ପୂର୍ବରୁ କ୍ରୟ ଦର ସ୍ୱାଭାବିକ ରହିଥିଲା କିନ୍ତୁ ବର୍ତ୍ତମାନ ଏସବୁ ସାମଗ୍ରୀର ଦର ଦୁଇଗୁଣ ହୋଇଯାଇଛି। ଫଳରେ ଅନେକ ହିତାଧିକାରୀ ଗୃହ ନିର୍ମାଣ କାର୍ଯ୍ୟ କେମିତି ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବ ଏ ନେଇ ଆଶଙ୍କା ବ୍ୟକ୍ତ କରିବା ସହ ସତ୍ୟବତୀ ଦଳାଇ, ରୁବି ଶବର, କାଞ୍ଚନ ଶବର, ହେମଲତା କାର୍ଜି,ଏସନୀ ଭୂୟାଁ,ସୁଜ୍ଞାନୀ ଗମାଙ୍ଗ ଓ ସୁକାନ୍ତି ପାଇକ ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିପରି ଆବଶ୍ୟକ ସାମଗ୍ରୀ ଚିପ୍ସ, କ୍ରଶର ଆନ୍ଧ୍ର ପ୍ରଦେଶରେ ରହିଥିବା ବେଳେ ଓଡ଼ିଶାର ଆବାସ ଯୋଜନାରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଯାଉଛି ଅଧା ଟଙ୍କା। ସେଠାରେ ମଧ ଚିପ୍ସ ଦର ଦୁଇଗୁଣ କରିଦେଇଥିବା ଅଭିଯୋଗ ହେଉଛି। ଏପରି ସମସ୍ୟା ପ୍ରତି ସରକାର ଓ ବିଭାଗୀୟ ଅଧିକାରୀ ଦୃଷ୍ଟିଦେବା ସହ ଦର ନିୟନ୍ତ୍ରଣ ନିମନ୍ତେ ସାଧାରଣରେ ଦାବି ହେଉଛି।

### ହରିକୃଷ୍ଣପୁରରେ ବାର୍ହା ଉପଦ୍ରବ

ଶେରଗଡ,୧୭।୭(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ ଅନ୍ତର୍ଗତ ହରିକୃଷ୍ଣପୁର ଗ୍ରାମରେ ଗତ କିଛିଦିନ ହେଲା ୧୨ ଟିକିଆ ବାର୍ହା ପଲ ଆସିଛନ୍ତି। ସନ୍ଧ୍ୟାରେ ବାର୍ହା ପଲ ଗାଁ ନିକଟ ଲଟାବୁଦାରେ ବୁଲାବୁଲି କରୁଥିବା ବେଳେ ମଧ୍ୟାହ୍ନରେ ଉକ୍ତ ବାର୍ହା ପଲ ଗ୍ରାମକୁ ଆସି ବୁଣା ଯାଇଥିବା ଧାନ ଫସଲ ନଷ୍ଟ କରୁଛନ୍ତି। ଫଳରେ ଲୋକମାନେ ଭୟରେ ବାହାରକୁ ବାହାରୁ ନାହାନ୍ତି। ଏଣୁ ବନ ବିଭାଗ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# କନଷ୍ଟେବଲଙ୍କ ଦ୍ୱିତୀୟ ବିବାହ ଘଟଣା
## ଗିରଫ ଦାବିରେ ଏସ୍ପିଙ୍କୁ ଭେଟିଲେ ପ୍ରଥମ ସ୍ତ୍ରୀ

ଫୁଲବାଣୀ, ୧୭।୭(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ପୋଲିସରେ କାର୍ଯ୍ୟରତ ଜଣେ କନଷ୍ଟେବଲ ତାଙ୍କ ପ୍ରଥମ ସ୍ତ୍ରୀ ଥାଇ ଦ୍ୱିତୀୟ ବିବାହ କରିଛନ୍ତି । ପ୍ରଥମ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ମାମଲା ଏବେ ବି କୋର୍ଟରେ ବିଚାରଧୀନ ରହିଛି। ଏ ନେଇ କନଷ୍ଟେବଲଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ ତାଙ୍କୁ ଗିରଫ କରୁନାହିଁ। ଅନ୍ୟ ଉପାୟ ନ ପାଇ ସ୍ତ୍ରୀ ଜଣକ ସୋମବାର ଏସ୍ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

କ.ନୂଆଗାଁ ବ୍ଲକ ସାରଙ୍ଗଗଡ଼ ଥାନା ବଣ୍ଡଗୁଡ଼ା ଗ୍ରାମର ମେନକା ପ୍ରଧାନ ୧୪ ବର୍ଷ ପୂର୍ବେ ବିଲାବାଡ଼ି ଗ୍ରାମର ନାରାୟଣ ପ୍ରଧାନଙ୍କୁ ପ୍ରେମ ବିବାହ କରିଥିଲେ। ନାରାୟଣ ପୋଲିସ ବିଭାଗରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ । ବିବାହ ପରେ ସେମାନଙ୍କର ୧୩ ବର୍ଷର ଏକ ପୁଅ ରହିଛି। ହେଲେ ଗତ ଚାରି ବର୍ଷ ତଳେ ନାରାୟଣ ପ୍ରଧାନ ଅନ୍ୟ ଜଣେ ଯୁବତୀଙ୍କ ପ୍ରେମରେ ପଡି ମେନକାଙ୍କୁ ଯୌତୁକ ନିର୍ଯାତନା ଦେବା ସହ ମାଡ ମାରି ଆସୁଥିଲେ। କିଛିବର୍ଷ ହେବ ସ୍ତ୍ରୀ ଏବଂ ପୁଅକୁ ଘରୁ ତଡ଼ି ଦେଇଥିଲେ। ଘଟଣା ନେଇ ମେନକା ଥାନରେ ଏତଲା ଦେଇଥିଲେ। ଏବେ ଉଭୟଙ୍କ ବିଚାର କୋର୍ଟରେ ଚାଲିଛି। ହେଲେ ଗତ ୭ ତାରିଖରେ ନାରାୟଣ ପୁଣି ଆଉ ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଛନ୍ତି । ସ୍ତ୍ରୀ ମେନକା ଘଟଣା ନେଇ ସାରଙ୍ଗଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ପୋଲିସ ଘଟଣାର ତଦନ୍ତ ହେବ ବୋଲି କହି ଚୁପ ବସିଥିଲା। ସ୍ୱାମୀ ପୋଲିସ ବିଭାଗରେ କାମ କରୁଥିବାରୁ ପୋଲିସ ଜାଣିଶୁଣି ତାଙ୍କୁ ଗିରଫ କରୁନାହିଁ ବୋଲି ମେନକା ପ୍ରକାଶ କରିଛନ୍ତି। ତୁରନ୍ତ କନଷ୍ଟେବଲ ନାରାୟଣଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି।



# ବିଭିନ୍ନ ଦାବିନେଇ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

ଦାରିଙ୍ଗବାଡି,୧୭।୭(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ଦାବିନେଇ ସୋମବାର ବିଦ୍ୟାଳୟର ମୁଖ୍ୟଫାଟକ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନ ସରକାର ଦେଉଥିବା ଅନୁଦାନକୁ ଚଞ୍ଚକତା କରି ହରି ଲୁଟ କରୁଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏଥିସହ ବିଦ୍ୟାଳୟର କିଛି ଶିକ୍ଷୟିତ୍ରୀଶିକ୍ଷକଙ୍କ ଦରମା ୩ ମାସ ହେଲା ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗ ବିଭାଗର ଯୁକ୍ତ ଦୁଇ ବିଭାଗରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ଚରମ ଅବହେଳା କରାଯାଇଛି। ବିଶେଷ କରି ସେମାନଙ୍କ ଧନ୍ଦାମୂଳକ ଶିକ୍ଷା ପାଇଁ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ଅନୁଦାନ ଦେଉଛନ୍ତି କିନ୍ତୁ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନ ତାକୁ ଖର୍ଚ୍ଚ କରୁନାହାନ୍ତି, ଆବଶ୍ୟକ ଲାବରେଟୋରି ସାମଗ୍ରୀ ବିଦ୍ୟାଳୟ ପାଇଁ ଆଣୁନାହାନ୍ତି, ଫଳରେ ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ପ୍ରାକ୍ଟିକାଲ ଶ୍ରେଣୀ ହେଉ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ସେହିପରି ଗରିବଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ପକ୍ଷରୁ ମାଗଣା ହଷ୍ଟେଲ, ଲାଇବ୍ରେରୀ ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ଲାଇବ୍ରେରୀ ପାଇଁ ହଜାର ହଜାର ଟଙ୍କା ଅନୁଦାନ ଆସୁଥିଲେ ସୁଦ୍ଧା କୌଣସି ଗୋଟିଏ ବହି ଛାତ୍ରୀଛାତ୍ରଙ୍କ ପାଇଁ କିଣାଯାଇନାହିଁ। ଏନେଇ ସେମାନେ ଗତ ଫେବୃୟାରୀରେ ଧାରଣାରେ ବସିଥିବା ବେଳେ ପ୍ରଶାସନ ବୁଝାଶୁଝା କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା ହେଲେ ତାହା ଆଜି ପର୍ଯ୍ୟନ୍ତ ସମାଧାନ ହେଲା ନାହିଁ। ଫଳରେ ଏକାଧିକ ଛାତ୍ରୀଛାତ୍ର ବିଦ୍ୟାଳୟରୁ ନିଜ ସାର୍ଟିଫିକେଟ ବାହାର କରି ଅନ୍ୟତ୍ର ପଢିବାକୁ ଚାଲିଯାଇଥିବା ବେଳେ ବର୍ତ୍ତମାନ ରହିଥିବା ମାତ୍ର ୧ ଶହ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଛାତ୍ରୀଛାତ୍ରମାନେ ଦୀର୍ଘ ୪ଘଣ୍ଟା ଧରି ଆନ୍ଦୋଳନ କରିଥିଲେ। ସ୍ଥାନୀୟ ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୁରୁ ପତ୍ରା, ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ କର ପହଞ୍ଚି ବୁଝାଶୁଝା କରି ଶୀଘ୍ର ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦାଳନ ପ୍ରତ୍ୟାହାର ହୋଇଥିଲା। ତେବେ ସମସ୍ୟା ଶୀଘ୍ର ସମାଧାନ ନ ହେଲେ ଆସନ୍ତା ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କୁ ଫୋନ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ କୌଣସି ଉତ୍ତର ଦେଇ ନ ଥିଲେ।



ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ ପ୍ରଶାସନ ବୁଝାଶୁଝା କରୁଛି।

# ବେଆଇନ ମୋହର, ଅଡୁଆରେ ଆଇଏଲ୍‌ଏମ୍

■ ଓଜନ ମାପକ ଯନ୍ତ୍ରରେ ବ୍ୟାପକ ଠକେଇ
■ କ୍ଷତିରେ ଖାଉଟି, ଲାଭରେ ଡିଲର
■ କାରଣ ଦର୍ଶାଅ ନୋଟିସ ଜାରି କଲେ ସିଏଲ୍‌ଏମ୍

ଯାଜପୁର,୧୭।୭(ହର୍ଷବର୍ଦ୍ଧନ ବେହେରା)

ଅଣ-ସ୍ୱୟଂଚାଳିତ ବୈଦ୍ୟୁତିକ ଓଜନ ଯନ୍ତ୍ରରେ ମୋହର ଦେବା ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହେଉଛି। ଏହିକ୍ରମରେ ଅଣ-ସ୍ୱୟଂଚାଳିତ ବୈଦ୍ୟୁତିକ ଓଜନ ଯନ୍ତ୍ର ‘ମେକ୍-ଏସ୍ ଡିଜିକମ୍ ମଡେଲ-ଇଡିସି-୨୦’ ପାଇଁ ‘ଡିଜି ୱେ ସିଷ୍ଟମ୍ସ’ ଡିଲରଙ୍କୁ ଯାଞ୍ଚ ପ୍ରମାଣପତ୍ର ଦେଇ କଟକ-୧ ଇନ୍ସପେକ୍ଟର ଅଫ୍ ଲିଗାଲ ମେଟ୍ରୋଲୋଜି (ଆଇଏଲ୍‌ଏମ୍) ଅଡୁଆରେ ପଡିଛନ୍ତି। ଏଥିରେ ଆଇଏଲ୍‌ଏମ୍‌ଙ୍କ ମନ୍ଦ ଉଦ୍ଦେଶ୍ୟ ରହିଥିବା ସହ ସମ୍ପୃକ୍ତ ଡିଲରଙ୍କ ବେଆଇନ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଇଛି। ଏଥିଯୋଗୁ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇବା ସହ ଅନ୍ୟ କମ୍ପାନୀର ଲୋଗୋ ଲଗାଇ ନକଲି ମାପ ଓ ଓଜନ ମେସିନ ସଂଗ୍ରହ ହେବାର ଆଶଙ୍କା ରହିଛି। ସେହିପରି ଖାଉଟିମାନେ ଠକେଇରେ ପଡ଼ିବା ସୁନିଶ୍ଚିତ ହୋଇଛି। ତେଣୁ କଣ୍ଟ୍ରୋଲର ଅଫ୍ ଲିଗାଲ ମେଟ୍ରୋଲୋଜି(ସିଏଲ୍‌ଏମ୍) ଏଲ୍‌ଏମ୍ ଆକ୍ଟ/ରୁଲ୍ସର ଉଲ୍ଲଂଘନ ହୋଇଥିବା ଦର୍ଶାଇ ସମ୍ପୃକ୍ତ ଆଇଏଲ୍‌ଏମ୍‌ଙ୍କୁ ୧୫ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ବ୍ୟବସାୟିକ ଅନୁଷ୍ଠାନ, ଶିଳ୍ପାଞ୍ଚଳ ଓ ଖଣିରେ ଥିବା ୱେବ୍ରିଜ୍, ବଜାର, ସୁନା ଦୋକାନ, ପରିବା, ରାଶନ ଦୋକାନ, ପେଟ୍ରୋଲ ଟାଙ୍କି ଇତ୍ୟାଦିରେ ଓଜନ ଓ ମାପରେ ବ୍ୟାପକ ଅନିୟମିତତା ହେଉଥିବ ବହୁ ଦୃଷ୍ଟାନ୍ତ ରହିଛି। ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ବୈଧ ପରିମାପ ବିଜ୍ଞାନ ନିର୍ଦ୍ଦେଶାଳୟର ସ୍ଥାଣୁତା ଯୋଗୁ ବେପାରୀମାନେ ଖାଉଟିମାନଙ୍କୁ ଠକିବାରେ ଲାଗିଛନ୍ତି। ପେଟ୍ରୋଲ ଟାଙ୍କିରେ ଲୋଡିଂ ବେଳେ ନଷ୍ଟ ହୋଇଥିବା ଆଶଙ୍କା କରି ଲିଟର ପିଛା ୫ ମିଲିଲିଟର ପରିବର୍ତ୍ତେ ମନଇଚ୍ଛା ବ୍ୟବସ୍ଥିତ ହେଉଛି। ଏହିକ୍ରମରେ ଖାଉଟିମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ ସମସ୍ତ ଜିଲାରେ ଆସିଷ୍ଟାଣ୍ଟ କଣ୍ଟ୍ରୋଲର ଅଫ୍ ଲିଗାଲ ମେଟ୍ରୋଲୋଜି(ଏସିଏଲ୍‌ଏମ୍) କାର୍ଯ୍ୟ କରୁଛନ୍ତି। ଏସିଏଲ୍‌ଏମ୍‌ମାନଙ୍କୁ ଓଜନ ଓ ମାପଗୁଡ଼ିକର ପୁନଃ ନିରୀକ୍ଷଣ କରି ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ପ୍ରଥମ ନିରୀକ୍ଷଣ ସମୟରେ ପ୍ରମାଣପତ୍ର ସହ ଓଜନ ଯନ୍ତ୍ର ଦେବାର ନିୟମ ରହିଛି। ଯନ୍ତ୍ରଚାଳିତ ଓଜନ ମାପକ ଯନ୍ତ୍ର(ଇଲେକ୍ଟ୍ରୋନିକ୍ସ ମେଶନ)-୧ ଓ ୨ ଶ୍ରେଣୀର ସ୍ଥାପନ ଜାଗାରେ ନିରୀକ୍ଷଣ କରିବା, ନୂତନ ମେଶିନରେ ଆବଶ୍ୟକ ତାର, ସୁଇଚ୍ ସୁବିଧା ରହିଥିବା ଏବଂ ସିଲ୍ କରିବାକୁ ଉପଯୁକ୍ତ ସ୍ଥାନ ଥିବା ଆଦି ନିରୀକ୍ଷଣ କରିବାକୁ କୁହାଯାଇଛି। ଏହାସହ ମ୍ୟାନୁଫାକ୍ଚରିଂ ଲାଇସେନ୍ସ, ଡିଲରଶିପ ଲାଇସେନ୍ସ, ମଡେଲ ଆପ୍ରୁଭାଲ, ଇନ୍‌ଭଏସ୍ ଆଦି ଉପଲବ୍ଧ ହେବା ନିହାତି ଆବଶ୍ୟକ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏହିସବୁ ଗାଇଡ୍‌ଲାଇନ ପାଳନ କରାଯାଉନାହିଁ। ଫଳରେ ଖାଉଟି ଶୋଷଣର ଶିକାର ହେଉଥିବାବେଳେ ମହଙ୍ଗା ମାଡ଼ ସମୟରେ ସେମାନେ ବହୁ କ୍ଷତି ସହୁଛନ୍ତି। ଏଭଳିସ୍ଥିତିରେ ଡିଜିକମ, ମଡେଲ-ଇଡିସି-୨୦ ନୂତନ ମେଶିନରେ ମ୍ୟାନୁଫାକ୍ଚରିଂ ଷ୍ଟାମ୍ପ ହୋଇ ନ ଥିବାବେଳେ ସମ୍ପୃକ୍ତ ଡିଲରଙ୍କୁ କ୍ଲିନଚିଟ୍ ଦିଆଯାଇଛି। ଫଳରେ ଏହି ମେଶିନ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ରି ହୋଇଥିବା ସନ୍ଦେହ କରାଯାଇଛି। ଏଭଳିସ୍ଥିତିରେ ବେଆଇନ ଭାବେ କିଣାଯାଇଥିବା ବିନା ମୋହରର ନୂତନ ଓଜନ ମେଶିନକୁ କେଉଁ ପରିସ୍ଥିତିରେ ଯାଞ୍ଚ ପ୍ରମାଣପତ୍ର ପ୍ରଦାନ କରାଯାଇଛି, ତାହାର ସବିଶେଷ ରିପୋର୍ଟ ଦେବାକୁ ସିଏଲ୍‌ଏମ୍ ନିର୍ଦ୍ଦେଶ ଜାରି କରିଛନ୍ତି।

# ଶ୍ରୀଲଙ୍କାରେ ଯାଜପୁରର ଅୟେସଙ୍କ କମାଲ


ଅୟେସ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ଗ୍ରହଣ କରୁଛନ୍ତି।

ଯାଜପୁର,୧୭।୭(ହର୍ଷବର୍ଦ୍ଧନ ବେହେରା)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ଦ୍ୱାରା ପରିଚାଳିତ କ୍ରିକେଟ ଏକାଡେମୀ ‘କ୍ରିକ୍ କିଙ୍ଗ୍‌ଡ଼ମ’ ପକ୍ଷରୁ ୧୭ବର୍ଷରୁ କମ୍ ଚମ୍ପିୟନ ଟ୍ରଫି ଖେଳିବା ପାଇଁ ଯାଜପୁରର ଅୟେସ ପତି ଶ୍ରୀଲଙ୍କା ଗସ୍ତରେ ଯାଇଛନ୍ତି। ସେଠାରେ ସୋମବାର କଲମ୍ବୋଠାରେ ଶ୍ରୀଲଙ୍କା ବିପକ୍ଷରେ ସେ ଦୁଇଟି ଟି୨୦ ମ୍ୟାଚ ଖେଳିଛନ୍ତି। ଏଥିରେ ଅୟେସ ପ୍ରଥମ ମ୍ୟାଚରେ ୧୮ ବଲରେ ୪ ଛକା ସହ ୪୧ ରନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ୩ ଓଭର ବୋଲିଂ କରି ୨୦ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିବା ସହ ବ୍ୟାଟିଂରେ ସେ ୧୮ ଟି ବଲ୍‌ରୁ ୩୦ରନ କରିଥିଲେ। ଉଭୟ ମ୍ୟାଚରେ ଅୟେସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଇସିସି ମାନ୍ୟତାପ୍ରାପ୍ତ ହୋଇ ନ ଥିଲେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ କୌଣସି ୧୭ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟରେ ଗୋଟିଏ ଦିନରେ ଦୁଇ ଥର ମ୍ୟାନ ଅଫ୍ ଦି ମ୍ୟାଚ ହେବା ଏକ ବିରଳ ଦୃଷ୍ଟାନ୍ତ। ଅୟେସ ହେଉଛନ୍ତି ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ନିୟୁମାର୍କେଟ ସ୍ଥିତ ଜେମ୍ସ ସ୍କୁଲର ପ୍ରତିଷ୍ଠାତା ତଥା ବରିଷ୍ଠ ଖବରଦାତା ଅଭୟ ପତି ଏବଂ ଆଡଭୋକେଟ ଅସ୍ମିତା ପତିଙ୍କ ବଡ଼ପୁଅ। ତାଙ୍କୁ ଏବେ ସମଗ୍ର ଜିଲାରୁ ଶୁଭେଚ୍ଛାର ବାର୍ତ୍ତା ମିଳିବାରେ ଲାଗିଛି। ତାଙ୍କର ଏହି ସଫଳତା ପାଇଁ ସେ କୋଚ୍ ଜାହିର ଶେଖଙ୍କୁ ଧନ୍ୟବାଦ ଦେଇଛନ୍ତି। ଅୟେସ ସେଠାରେ ଆଉ ତିନୋଟି ୫୦ ଓଭର ବିଶିଷ୍ଟ ଏବଂ ଚାରୋଟି ଟି୨୦ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ଭୁଲ୍ ଇଞ୍ଜେକ୍‌ଶନ୍ ଯୋଗୁ ଶିଶୁ ମୃତ୍ୟୁ ଅଭିଯୋଗ


ଓମ୍‌ଙ୍କ ମୃତ୍ୟୁପରେ ଭାଙ୍ଗିପଡ଼ିଥିବା ତାଙ୍କ ମା’ ବାପା।

**ଔଷଧ ଦୋକାନୀ ଦେଇଥିଲେ ଏକସଙ୍ଗେ ୨ ଇଞ୍ଜେକଶନ**

ଯାଜପୁର ଟାଉନ/ପ୍ରୀତିପୁର, ୧୭।୭(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି/ସୁଶାନ୍ତ ବେହୁରିଆ) :

ଯାଜପୁର ଜିଲାରେ ସ୍ୱାସ୍ଥ୍ୟ ସେବାକୁ ନେଇ ଜୋରଦାର ପ୍ରଚାର ଚାଲିଥିବା ବେଳେ ପ୍ରକୃତ ସ୍ଥିତି କିନ୍ତୁ ଭିନ୍ନ। ଏଠାରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁ ନ ଥିବାରୁ କ୍ୱାକ୍ ଓ ମେଡିସିନ୍ ଦୋକାନୀ ରୋଗୀମାନଙ୍କ ଚିକିତ୍ସା କରୁଛନ୍ତି । ଏଥିପାଇଁ ବିଭିନ୍ନ ସମୟରେ ରୋଗୀମାନଙ୍କ ଜୀବନ ଯାଉଥିବା ନଜିର ରହିଛି । ସୋମବାର ସେମିତି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଜଣେ ମେଡିସିନ୍ ଦୋକାନୀ ଜଣେ ୫ବର୍ଷ ଶିଶୁକୁ ଭୁଲ୍ ଇଞ୍ଜେକଶନ୍ ଦେବାରୁ ତାର ମୃତ୍ୟୁ ଘଟିଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ଏହି ଅଭାବନୀୟ ଘଟଣା ଯାଜପୁର ସଦର ମହକୁମାଠାରୁ ୬ କିମି ଦୂର ମନ୍ଦାରଖଣ୍ଡ ଛକରେ ଥିବା ଏକ ଔଷଧ ଦୋକାନରେ ଘଟିଛି । ମୃତକ ହେଲେ ଦଶରଥପୁର ମୁଗୁପଦା ଅଞ୍ଚଳର ସୁରେନ୍ଦ୍ର ମଲିକଙ୍କ ପୁଅ ଓମ୍ ମଲିକ (୫) । ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ପାଖରେ କୌଣସି ଡାକ୍ତରଖାନା କିମ୍ବା ଡାକ୍ତର ନ ଥିବାରୁ ସ୍ଥାନୀୟ ମେଡିସିନ୍ ଦୋକାନକୁ ସୁରେନ୍ଦ୍ର ପୁଅକୁ ଦେଖାଇବାକୁ ଆଣିଥିଲେ । ଦୋକାନୀ ଜଣକ ତାଙ୍କୁ ଏକସଙ୍ଗେ ୨ଟି ଇଞ୍ଜେକ୍‌ଶନ୍ ଦେଇଥିଲେ। ଏହି ଇଞ୍ଜେକଶନ୍ ନେବା ପରେ ଓମ୍‌ଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା । ଔଷଧ ଦୋକାନୀ ଜଣକ ତାଙ୍କୁ ନିଜ ଗାଡ଼ିରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏପରି ପରିସ୍ଥିତିରେ ଔଷଧ ଦୋକାନୀ ସେଠାରୁ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଓମ୍‌ଙ୍କ ପରିବାର ପକ୍ଷରୁ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଯାଜପୁର ଥାନା ଅଧିକାରୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଓମ୍‌ଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି । ଅନ୍ୟପକ୍ଷେ ସୁରେନ୍ଦ୍ର କୁଆଡ଼େ ଯାଜପୁରରେ ଓମ୍‌କୁ ଦେଖାଇ ଏକ ପ୍ରେସ୍କ୍ରିପ୍‌ଶନ ଆଣିଥିଲେ। ସେହି ପ୍ରେସ୍କ୍ରିପ୍‌ଶନ ଅନୁଯାୟୀ ଔଷଧ ଦୋକାନୀ ଓମ୍‌କୁ ୨ଟି ଇଞ୍ଜେକଶନ ଦେଇଥିବା ସୂଚନା ମିଳିଛି ।

# ଖୋଲା ଆକାଶ ତଳେ ବୃଦ୍ଧ ଦମ୍ପତି

**ଲଗାଣ ବର୍ଷାରେ ଭାଙ୍ଗିଲା ଘର**

କେନ୍ଦ୍ରାପଡ଼ା, ୧୭।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଭାରିଗଦା ନଘର ସାହିର ଅକ୍ଷୟ କୁମାର ବେହେରା ଓ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ବେହେରାଙ୍କ ଜୀବନ କଟୁଛି ଖୋଲା ଆକାଶ ତଳେ। ଗତ ୨ ଦିନ ହେବ ଲଗାଣ ବର୍ଷାରେ ଦମ୍ପତିଙ୍କ ଝାଟିମାଟି ଘର ଭାଙ୍ଗି ଯାଇଥିଲା। ଫଳରେ ସେମାନେ ବେସାହାରା ହୋଇପଡ଼ିଛନ୍ତି। ଏବେ ଏହି ଦମ୍ପତି ଅନ୍ୟ ଲୋକଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କୁ ପଡୋଶୀ ଗୁହାରୀ କରିବା ପରେ ବି କୌଣସି ସରକାରୀ ସହାୟତା ନ ମିଳିବା ସ୍ଥାନୀୟ ସରପଞ୍ଚ ଏହି ବୃଦ୍ଧ ଦମ୍ପତିଙ୍କୁ ସହାୟତାର ହାତ ନ ବଢାଇବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟରେ କ୍ଷୟକ୍ଷତି ହୋଇଥିବା ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ଏସ୍‌ଆରସିଙ୍କ ନିର୍ଦ୍ଦେଶ ଥିବା ବେଳେ, ଏହାକୁ ସ୍ଥାନୀୟ ପ୍ରଶାସନ ପାଳନ ନ କରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ତୁରନ୍ତ ଏହି ବେସାହାରା ଦମ୍ପତିଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଭରିଗଦା ପଞ୍ଚାୟତର କପିଳେନ୍ଦ୍ର ମଲ୍ଲିକ, ପ୍ରଫୁଲ୍ଲ ରାଉତ, ମହେଶ୍ୱର ଧଳ, ସୁକାନ୍ତ ପଲାର, ରାଜେଶ ବିଶ୍ୱାଳ, ବିଦ୍ୟାଧର ମଳିକ, ଉତ୍ତମ ସ୍ୱାଇଁ ଓ ବିକ୍ରମ ମହାନ୍ତି ପ୍ରମୁଖ ଦାବି କରିଛନ୍ତି।


ଭଙ୍ଗା ଘର ସମ୍ମୁଖରେ ଅକ୍ଷୟ ଓ ଲକ୍ଷ୍ମୀପ୍ରିୟା ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ହୃଷୀକେଶ


@ ମୋନାଲି


@ ପୀତବାସ


@ ପୂଜା


@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀବଳଦେବଜୀଉଙ୍କ ଚିତାଲାଗି



କେନ୍ଦ୍ରାପଡ଼ା, ୧୭।୭ (ଜଗନ୍ନାଥ ଧଳ)

ଚିତାଲାଗି ଅମାବାସ୍ୟା ଅବସରରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଚିତା ଲାଗି ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ରୀତିନୀତି ଅନୁଯାୟୀ ଦ୍ୱିପ୍ରହର ଧୂପ ପୂର୍ବରୁ ପୁରୋହିତଙ୍କ ଦ୍ୱାରା ମଝି ଦେଉଳରେ ଜଳ ସିଞ୍ଚନ ସହ କଳସ ସ୍ଥାପନ ହୋଇଥିଲା। ପରେ ଶ୍ରୀଜୀଉଙ୍କ ମଙ୍ଗଳାର୍ପଣ ସହ ଚିତାଲାଗି ହୋଇଥିଲା। ବଡ଼ଭାଇ ବଳଭଦ୍ରଙ୍କୁ ୧୪ଟି ଝରାର ଚିତା, ସାନଭାଇ ଜଗନ୍ନାଥଙ୍କୁ ୧୧ ଝରାର ଚିତା ଓ ଭଉଣୀ ସୁଭଦ୍ରାଙ୍କୁ ୭ ଝରାର ଚିତା ଅର୍ପଣ ହେବା ସହିତ ବଳଭଦ୍ରଙ୍କ ସ୍ୱତନ୍ତ୍ର ବଡ଼ ଚିତା ଲାଗି ହୋଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଭୋଗ ଖିରି, ପିଠା ଆଦି ଅର୍ପଣ ସହ ଦ୍ୱିପ୍ରହର ଭୋଗ ଲାଗି ହୋଇଥିଲା। ପୂର୍ବାହ୍ନରେ ନିକଟସ୍ଥ ଦେବୋତ୍ତର କାର୍ଯ୍ୟାଳୟଠାରେ ସ୍ୱର୍ଣ୍ଣକାର ସେବକଙ୍କ ଦ୍ୱାରା ମନ୍ଦିର ସୁପରିଭାଇଜର ନୃସିଂହ ଚରଣ ପତ୍ରୀଙ୍କ ଉପସ୍ଥିତିରେ ଚିତା ସଫା ଓ ମରାମତି ହୋଇଥିଲା। ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିତାଗୁଡ଼ିକ ୩ଟି ରୁପା ଥାଳିରେ ମନ୍ଦିରକୁ ନିଆଯାଇଥିଲା। ପରମ୍ପରା ଅନୁଯାୟୀ ଚିତାଗୁଡ଼ିକରେ ନୂତନ ପାଟ ଡୋରି ବନ୍ଧାଯାଇ ଅର୍ପଣ ହୋଇଥିଲା। ଏହି ବେଶ ଦେଖିବା ପାଇଁ ପୂର୍ବାହ୍ନରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।

# ଗ୍ୟାଙ୍ଗଷ୍ଟର ବିଭୁ ସାହୁ ଅପହରଣ, ହତ୍ୟା ଘଟଣାର ପର୍ଦ୍ଦାଫାଶ

**୬ ଅଭିଯୁକ୍ତ ଗିରଫ, ୨ କାର୍, ୩ ବାଇକ୍ ଜବତ**

ମାର୍ଶାଘାଇ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମରେ ମେ ୩୧ ତାରିଖ ସନ୍ଧ୍ୟାରେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ପ୍ରତାପ ସାହୁ ଓରଫ ବିଭୁ (୫୨) ଅପହରଣ ଓ ହତ୍ୟା ଘଟଣାର ପୋଲିସ ସୋମବାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ୨ଟି କାର୍ ଓ ୩ଟି ବାଇକ୍, ୨ଟି କୋଦାଳ ବେଣ୍ଟ, ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ବାଣଗାଁର ଅମିତ ପ୍ରଧାନ ଓରଫ ମାଷ୍ଟର (୩୬), ମାର୍ଶାଘାଇ ଥାନା ଅନ୍ତର୍ଗତ ଛନ୍ଦା ପୁରୁଷୋତ୍ତମପୁର ଗ୍ରାମର ହିରଣ୍ୟ ରାଉତ ଓରଫ ମାନସ, ଯଦୁପୁର ଗ୍ରାମର ସୁକାନ୍ତ ଦାସ ଓରଫ କୁନା (୩୧), ବଡ଼କୁଳ ଗ୍ରାମର ରାଜକିଶୋର ଲେଙ୍କା ଓରଫ ରାଜା (୨୪), ପାଟକୁରା ଥାନା ଅନ୍ତର୍ଗତ ତାଳସଙ୍ଗା (ଖର୍ଦ୍ଦାସାହି ) ଗ୍ରାମର ଶୁଭକାନ୍ତ ବେହେରା ଓରଫ ବିଭୁ (୩୧), କମଳାକାନ୍ତ ବେହେରା ଓରଫ କାନ୍ତ (୩୬)। ଏମାନଙ୍କ ନାମରେ ନଂ. ୩୩୬/୨୩ରେ ମାମଲା ରୁଜୁ ହୋଇଛି।




ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଗିରଫ ୬ ଅଭିଯୁକ୍ତ। (ଉପର)ଜବତ ୨ କାର ଓ ବାଇକ୍।

ସୋମବାର ଅପରାହ୍ନରେ ମାର୍ଶାଘାଇ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଏ ସମ୍ପର୍କରେ କହିଛନ୍ତି, ମୃତକ ବିଭୁ ସାହୁଙ୍କ ସହ ପ୍ରତିପକ୍ଷ ଗ୍ୟାଙ୍ଗର ପୂର୍ବ ଶତ୍ରୁତା ରହିଥିଲା। ଅଜଣା ସୂତ୍ରରୁ ବେଆଇନ ଭାବେ ବଳପୂର୍ବକ ଟଙ୍କା ଆଦାୟକୁ ନେଇ ଉଭୟ ଗ୍ୟାଙ୍ଗ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା। ତେଣୁ ବିଭୁଙ୍କୁ ରାସ୍ତାରୁ ହଟାଇ ଏକଚାଟିଆ ଗ୍ୟାଙ୍ଗ୍ ପରିଚାଳନା ପାଇଁ କିଛିଦିନ ପୂର୍ବରୁ ବାଘଡ଼ିଆ ଗ୍ରାମର ମା’ ଗୋଜବାୟାଣୀ ମନ୍ଦିର ପରିସରରେ ବିଭୁଙ୍କୁ ଅପହରଣ ଓ ହତ୍ୟା ପାଇଁ ଗିରଫ ହୋଇଥିବା ଅଭିଯୁକ୍ତମାନେ ଷଡ଼ଯନ୍ତ୍ର ରଚିଥିଲେ। ପରେ ତାଳସଙ୍ଗା ଗ୍ରାମ ନିକଟସ୍ଥ ଖର୍ଦ୍ଦାସାହିଠାରେ ପ୍ରସ୍ତୁତି ଚଳାଇଥିଲେ। ଯୋଜନା ମୁତାବକ ବିଭୁ ସନ୍ଧ୍ୟା ସମୟରେ ନିଜ ଘରଠାରୁ ଅନତି ଦୂରରେ ଏକ ନିର୍ମାଣାଧୀନ ପାଣିଟାଙ୍କି ନିକଟରେ ବସିଥିଲେ। ସେଠାରୁ ତାଙ୍କୁ ଅଭିଯୁକ୍ତମାନେ ଅପହରଣକରି ନେଇ ମହାକାଳପଡ଼ା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ନିକଟରେ ଥିବା ଏକ ପୁରୁଣା ଇଟା ଭାଟିଠାରେ ଶ୍ୱାସରୁଦ୍ଧକରି ହତ୍ୟା କରିଥିଲେ। ହତ୍ୟା ପରେ ବିଭୁଙ୍କ ମୃତଦେହକୁ ନେଇ ସେମାନେ ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ରଥପଦା ଗ୍ରାମ ଜଙ୍ଗଲରେ ପୋଡ଼ି ଦେଇଥିଲେ। ବିଭୁଙ୍କ ସ୍ତ୍ରୀ ସୌଦାମିନି ସାହୁ ମୃତଦେହକୁ ଚିହ୍ନଟ କରିଥିଲେ। ଏହି ଘଟଣାରେ ଆହୁରି ୧୩ ଜଣଙ୍କ ସମ୍ପୃକ୍ତି ରହିଛି। ସେମାନେ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ରାଜ୍ୟ ତଥା ରାଜ୍ୟ ବାହାରେ ଚଢ଼ାଉ ଜାରି ରଖିଛି। ଏହି ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ (ଦାୟିତ୍ୱରେ)କାର୍ତ୍ତିକ ମଲ୍ଲିକ ଓ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ।

# ମାତ୍ରାଧିକ ମୋବାଇଲ ବ୍ୟବହାର ଖରାପ କରୁଛି ଆଖି

ନୟାଗଡ,୧୭।୭ (ଲୋକନାଥ ମିଶ୍ର)

- ଖେଳିବାକୁ ନା, ମୋବାଇଲକୁ ଆଦରି ନେଉଛନ୍ତି ଶିଶୁ
- ବେଶି ସ୍କୁଲ ଛାତ୍ରୀଛାତ୍ର ଆକ୍ରାନ୍ତ, ଚିନ୍ତାରେ ମା' ବାପା
- ଚଷମା ବ୍ୟବହାର ନ କଲେ ଆଖିକୁ ଦିଶୁ ନ ଥିବାର ଅଭିଯୋଗ
- ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବନ୍ଦ ନ କରିବାକୁ ଦାବି

ଛୋଟ ପିଲାମାନେ ଖେଳିବାଠାରୁ ଦୂରେଇ ଯାଉଥିବାବେଳେ ମୋବାଇଲ ପ୍ରୀତି ବଢ଼ିବାରେ ଲାଗିଛି। ଏହାରି ପଛରେ ମା ବାପାଙ୍କର ଭୁଲ୍ ରହୁଥିଲେହେଁ କେହି ଏହାର ବିରୋଧ କରୁନାହାନ୍ତି। ମାତ୍ରାଧିକ ମୋବାଇଲ ବ୍ୟବହାର କାରଣରୁ ଆଖି ଖରାପ ହେଉଛି। ନୟାଗଡ ଜିଲାରେ ବେଶି ସ୍କୁଲ ଛାତ୍ରୀଛାତ୍ର ଆଖି ଖରାପ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି। ଯାହାକି ମାବାପାଙ୍କ ଟେନ୍‌ସନ ବଢ଼ାଇଦେଇଛି। ଏପଟେ ଚିକିତ୍ସା କରାଉଛନ୍ତି ସେପଟେ ମୋବାଇଲ ଦେଖିବା ଉପରେ ମାବାପା ରୋକ୍ ଲଗାଇ ପାରୁନାହାନ୍ତି। ମୋବାଇଲ ପ୍ରଭାବରେ ଦୂରଦୃଷ୍ଟି ଦୋଷ ବଢ଼ିବା କାରଣରୁ ଚଷମା ବ୍ୟବହାର କରିବାକୁ ବାଧ ହେଉଛନ୍ତି ଛାତ୍ରୀଛାତ୍ର। ଏହାକୁ ରୋକା ନ ଗଲେ ଛାତ୍ରୀଛାତ୍ରମାନେ ଅଧିକ ସଂଖ୍ୟାରେ ଆଖି ଖରାପ ରୋଗରେ ଆକ୍ରାନ୍ତ ହୋଇ ଚାଲିବେ। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ସ୍କୁଲରେ ଚାଲୁ ରହିଥିବା ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସୁନେତ୍ରକୁ ବନ୍ଦ ନ କରି ଏହାର ଅବଧି ବଢ଼ାଇବା ଦରକାର ବୋଲି ସାଧାରଣରେ ଦାବି ଉଠିଛି।

କରୋନା ପରଠାରୁ ସ୍କୁଲ ଛାତ୍ରୀଛାତ୍ରମାନେ ମୋବାଇଲ ପ୍ରତି ଅଧିକ ଆକର୍ଷିତ ହୋଇ ପଡିଛନ୍ତି। ଅନ୍‌ଲାଇନ କ୍ଲାସ୍ ସେମାନଙ୍କୁ ମୋବାଇଲ ଦେଖିବାର ସୁଯୋଗ ଆଣି ଦେଇଥିଲା। ଅନେକ ବାପା ମା' କର୍ମଜୀବୀ ହୋଇଥିବାରୁ ନିଜ ପିଲାଙ୍କୁ ମୋବାଇଲ ଧରାଇ ଚାଲିଛନ୍ତି। ସେମାନେ କିଛି ସମୟ ହାଲକା ହୋଇଥିଲେ ହେଁ ପୁତ୍ରକନ୍ୟାଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲିହୋଇ ଚାଲୁଛି। ମୋବାଇଲ ନ ଦେଖିଲେ ଶିଶୁମାନେ ଖାଉନାହାନ୍ତି କି ଶୋଉନାହାନ୍ତି। ଏପରିକି ଅନେକ ଛାତ୍ର ସାମାଜିକ ଗଣମାଧ୍ୟମରେ ଘଣ୍ଟା ଘଣ୍ଟା ଧରି ସମୟ ବିତାଇ ଚାଲିଛନ୍ତି। ଛାତ୍ରୀଛାତ୍ରଙ୍କ ଆଖି ଖରାପ କାରଣରୁ ରାଜ୍ୟ ସରକାର ବିଦ୍ୟାଳୟ ସ୍ତରରେ ଚକ୍ଷୁ ରୋଗର ସ୍କ୍ରିନିଂ କରୁଛନ୍ତି। ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକମ ସୁନେତ୍ର ଅଧିନରେ ସରକାରୀ ବିଦ୍ୟାଳୟ ଗୁଡିକରେ ସରକାରୀ ସହାୟତାରେ ଚକ୍ଷୁର ସ୍କ୍ରିନିଂ କରୁଛନ୍ତି। ସରକାରୀ ରିପୋର୍ଟ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ ୫୧୩୯୭୧୩ ଜଣ ଛାତ୍ରୀଛାତ୍ରଙ୍କର ଚକ୍ଷୁ ସ୍କ୍ରିନିଂ କରାଯାଇଥିଲା। ଏଥିରୁ ୬୦୬୦୬ ଜଣ ଛାତ୍ରୀଛାତ୍ରଙ୍କୁ ଚଷମା ବ୍ୟବହାର କରିବାକୁ ପଡିଛି। ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସୁନେତ୍ର ପୁଣି ୧ ବର୍ଷ ବଢ଼ିଥିବାରୁ ଆସନ୍ତା ବର୍ଷ ପୁଣି ଛାତ୍ରୀଛାତ୍ର ଚକ୍ଷୁ ସ୍କ୍ରିନିଂ କରିବାର ଓ ମାଗଣା ଚଷମା ପାଇ ପାରିବେ। ତେବେ ସରକାର ଚଷମା ଯୋଗାଇ ଦେଲା ପରେ ଛାତ୍ରୀଛାତ୍ର ଚଷମା ପିନ୍ଧୁଛନ୍ତି କି ନାଁ ତାହା ପୁଣି ଆଉ ଏକ ବିପତ୍ତି। ଯଦି ପିନ୍ଧୁଛନ୍ତି ତାଙ୍କ ଆଖିର ପାୱାର ସ୍ଥିତି କିପରି ରହୁଛି ପୁଣି ପରୀକ୍ଷଣ ହେବା ଦରକାର। ଛାତ୍ରୀଛାତ୍ର ଆଉଥରେ ଚଷମା ପିନ୍ଧିବେ କି ନାଁ ଜାଣିବା ଦରକାର। ତାହା କୁଆଡେ ହେଉନି ବୋଲି କୁହାଯାଉଛି। ଯେଉଁମାନେ ପିନ୍ଧୁ ନାହାନ୍ତି ସେମାନଙ୍କ ପାଇଁ ସଚେତନତା କରିବା ଦରକାର। ଏନେଇ ଚକ୍ଷୁ ବିଶେଷଜ୍ଞ ଅରବିନ୍ଦ ମହାପାତ୍ର କୁହନ୍ତି ପୂର୍ବରୁ ବେଶୀ ଟିଭି ଦେଖିଲେ ଆଖି ଖରାପ ହେବ କୁହାଯାଉଥିଲା। ଟିଭି ଦେଖି ସ୍ୱଳ୍ପ ଛାତ୍ରୀଛାତ୍ରଙ୍କ ଆଖି ଖରାପ ହେଉଥିଲା।ତେବେ ମୋବାଇଲ ଅଧିକ ଦେଖିବା କାରଣରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ଆଖି ଖରାପ ହେଉଛି। ବାପା ମା ପିଲାଙ୍କୁ ମୋବାଇଲକୁ ବାରଣ କରି ଖେଳିବାର ଅଧିକ ସୁଯୋଗ ଦେବା ଦରକାର। କିନ୍ତୁ ବାପା ମା ଖେଳକୁ ପ୍ରାଧାନ୍ୟ ନଦେଇ ନିଜେ ମୋବାଇଲ ଦେଖୁଛନ୍ତି। ପିଲାଙ୍କୁ ମୋବାଇଲ ଦେଖିବାକୁ ବାରଣ କରୁ ନାହାନ୍ତି। ଯାହା ବଡ ଧରଣର ସମସ୍ୟାକୁ ଡାକି ଆଣୁଛି।ନୟାଗଡର ଗୃହିଣି ସୁମିତ୍ରା ଜେନା, ଖଣ୍ଡପଡାର ସୁଚିସ୍ମିତା ଦେଇ, ରଣପୁରର ବିଦୁଲତା ନାୟକ କୁହନ୍ତି ଆଜିକାଲି ଘରେ ଘରେ ମୋବାଇଲ। ମୋବାଇଲ ପିଲାଙ୍କୁ ଦେଖିବାକୁ ମନା କଲେ ସେମାନେ ଶୁଣୁ ନାହାନ୍ତି। ଏହାରି ପଛରେ ଆମ ପିତାମାତାଙ୍କ ଭୁଲ ମଧ୍ୟ ରହିଛି। ଆଖି ଖରାପ ହେଲେ ବି ଦେଖୁଛନ୍ତି। ମୋବାଇଲ ଯୋଗୁ ଆଖି ଖରାପ ହେବା ସହ ଅନେକ ପିଲାଙ୍କର ଭବିଷ୍ୟ ମଧ୍ୟ ନଷ୍ଟ ହୋଇ ଯାଉଛି। ଏହାର ନିରାକରଣ ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଏ ଦିଗରେ ସଚେନତା କରାଯିବା ଦରକାର। ଅନ୍ୟପକ୍ଷେ ସାର୍ବଜନିନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକମ ସୁନେତ୍ରକୁ ବନ୍ଦ ନକରି ଏହାକୁ ସବୁ ଦିନିଆ କାର୍ଯ୍ୟକ୍ରମରେ ପରିଣତ କରାଯିବା ଦରକାର ବୋଲି ସରକାରଙ୍କୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟକୁ ପରିବର୍ତ୍ତନ ନାହିଁ

ନୟାଗଡ,୧୭।୭(ଲୋକନାଥ ମିଶ୍ର): ନୟାଗଡ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଦେଉଳି ମୌଜା ଗାଇଚରା ପୋଖରୀ ମଧ୍ୟରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ଯିବାର ଭୟ ଘାରିଛି। ପୋଖରୀ ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟଟି ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ପୋଖରୀ ଭିତରେ ତାର ଛିଣ୍ଡି ଯିବାର ଆଶାଙ୍କା ରହିଛି। ପୋଖରୀରେ ଗୃହପାଳିତ ପ୍ରାଣୀ ଓ ମନୁଷ୍ୟ ସ୍ନାନ କରୁଥିବାରୁ ଦେଉଳି ଓ ଆଖପାଖ ୫ ଗାଁ ଲୋକ ବିଭିନ୍ନ ସମୟରେ ଟିପିସିଓଡିଏଲ ମ୍ୟାନେଜରଙ୍କୁ ଭେଟି ଖୁଣ୍ଟ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛନ୍ତି। ହେଲେ ବିଦ୍ୟୁତ୍ ବିଭାଗ ଗାଁ ଲୋକଙ୍କ ଅଭିଯୋଗକୁ ଅଣଦେଖା କରି ଆସୁଛି ବୋଲି ଅଭିଯୋଗ ରହିଛି।

### ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଭିକାରି

ଭାପୁର,୧୭।୭(ଭରତ କୁମାର ବେହେରା): ରାଜ୍ୟ ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଜନକଲ୍ୟାଣ ଯୋଜନା କରିଛନ୍ତି। ହେଲେ ଭାପୁର ବ୍ଲକ ଅନ୍ତର୍ଗତ ନିମାଣୀ ଗ୍ରାମର ଭିକାରୀ ସ୍ୱାଇଁ(୭୦) ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ୨ବର୍ଷ ହେଲା ଭତ୍ତା ପାଇଁ ଆବେଦନ କରି ଆସୁଥିଲେ ହେଁ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଭିକାରୀ ସ୍ୱାଇଁ କହିବା ଅନୁଯାୟୀ, ପ୍ରକୃତରେ ବୟସ ଅଧିକ ହୋଇଥିଲେ ହେଁ ପରିଚୟପତ୍ରରେ ବର୍ତ୍ତମାନ ୬୫ବର୍ଷ ପାଞ୍ଚ ମାସ ହୋଇଛି। ଭାପୁର ବ୍ଲକରେ ଏବେ ମଧୁବାବୁ ପେନସନ ଯୋଜନାରେ ୭୮୭୨ ବିଧବା, ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧ ଭତ୍ତା ପାଉଥିବା ବେଳେ କେନ୍ଦ୍ର ସରକାରଙ୍କ ଯୋଜନାରେ ୫୯୯୪ ଜଣ ଏପରି ମୋଟ ୧୩,୮୬୬ ଜଣ ବିଭିନ୍ନ ଯୋଜନାରେ ଭତ୍ତା ପାଉଛନ୍ତି। ନିମାଣୀ ପଞ୍ଚାୟତର ସରପଞ୍ଚ ସୁଧାଂଶୁ ଭୂଷଣ ସ୍ୱାଇଁ କୁହନ୍ତି, ବୃଦ୍ଧ ଭିକାରୀଙ୍କ ପାଇଁ ମୁଁ ମଧ ବ୍ଲକ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନୟାନ୍ତ ହୋଇଗଲିଣି। ବୃଦ୍ଧ ଭିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ଦାବି ହେଉଛି।

# ଲଡୁବାବାଙ୍କ ପୀଠରେ ସାଢ଼େ ୬ହଜାର କାଉଡ଼ିଆ ଜଳଲାଗି କଲେ



ଶରଣକୁଳରେ କାଉଡିଆମାନେ ଲଡୁବାବାଙ୍କୁ ଜଳ ଲାଗି କରିବାକୁ ଲମ୍ବା ଧାଡ଼ିରେ ଠିଆ ହୋଇଛନ୍ତି।

ଶରଣକୁଳ,୧୭।୭(ଦୀପକ କର)

ଶ୍ରାବଣର ଦ୍ୱିତୀୟ ସୋମବାର, ଚିତାଲାଗି ଅମାବାସ୍ୟ ତଥା ଦକ୍ଷିଣାୟନ କର୍କଟ ସଂକ୍ରାନ୍ତିରେ ଲଡୁବାବାଙ୍କ ପୀଠରେ ଜଳଲାଗି ପାଇଁ ବିଭିନ୍ନ ସ୍ଥାନରୁ ସାଢ଼େ ୬ କାଉଡିଆ ଆସିଥିଲେ । ସେମାନେ ଶାନ୍ତିଶୃଙ୍ଖଳା ମଧ୍ୟରେ ଜଳଲାଗି କରିବା ସହିତ ପୂଜାର୍ଚ୍ଚନା କରିଥିଲେ। କାଉଡ଼ିଆମାନଙ୍କ ପାଇଁ ଲଡୁବାବା ମନ୍ଦିର ପାଖରେ ଅସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିଲା । ମହିଳା ଓ ପିଲା କାଉଡିଆମାନଙ୍କ ପାଇଁ ମନ୍ଦିର ବେଢାରେ ବିଶ୍ରାମ ବ୍ୟବସ୍ଥା ମନ୍ଦିର ଅଫିସ ପକ୍ଷରୁ କରାଯାଇଥିଲା । ଶ୍ରୀମାତା ବୈଷ୍ଣେଦେବୀ ଚାରିଟେବଲ ଟ୍ରଷ୍ଟ, ବୋଲବମ ସେବା ଅନୁଷ୍ଠାନ ପକ୍ଷରୁ କାଉଡିଆମାନଙ୍କ ପାଇଁ ମାଗଣା ଜଳଖିଆ, ଅନ୍ନ ପ୍ରସାଦର ତଥା ଅନ୍ୟ ସେବାର ବ୍ୟବସ୍ଥା କରାଯାଇଥିଲା। ସାଇ ଭଜନ ଧାରା, ନୟାଗଡ ପକ୍ଷରୁ ବୋଲବମ ଭକ୍ତମାନଙ୍କ ପାଇଁ ରାତିସାରା ଭଜନ ପରିବେଷଣ କରାଯାଇଥିଲା ।

ଲଡୁବାବାଙ୍କ ଅବକାଶ ନୀତି ସମ୍ପର୍ଣ୍ଣ ହେବା ପରେ ରାତି ଗୋଟାଏରୁ ପ୍ରଥମେ ମହିଳା ଓ ଅଳ୍ପ ବୟସ୍କ ଏବଂ ପରେ ଅନ୍ୟସବୁ କାଉଡ଼ିଆମାନେ ଗେରୁଆ ବସ୍ତ୍ର ପରିଧାନ କରି ମନ୍ଦିର ସିଂହଦ୍ୱାର ସମ୍ମୁଖ ଲୌହ ବ୍ୟାରିକେଟ ଦେଇ ଧାଡ଼ିରେ ଆସି ଜଳଲାଗି କରିଥିଲେ । କିଛି ସମୟ ଦର୍ଶନ ବନ୍ଦ କରାଯାଇଥିଲା । ପରେ ବୋଲବମ ଭକ୍ତଙ୍କ ଜଳାଭିଷେକ ଚାଲୁ ରହିଥିଲା । ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ ଓ ଅନ୍ୟାନ୍ୟ ସେବାସୀମାନେ ଭକ୍ତଙ୍କ ସୁବିଧା ତଥା ଦର୍ଶନର ସୁଚାରୁ ବ୍ୟବସ୍ଥା କରିଥିଲେ। ଆଜିର କାଉଡ଼ିଆ ସେବା ନରେନ୍ଦ୍ରପୁର ରତ୍ନ ସାହିର ସେବାସୀଙ୍କ ଉପରେ ନ୍ୟସ୍ତ ଥିଲା । ବହୁ କାଉଡିଆଙ୍କ ସହ ଅଧିକ ସଂଖ୍ୟକ ସାଧାରଣ ଭକ୍ତଙ୍କ ଭିଡ଼ ସତ୍ତ୍ୱେ ଠାକୁରଙ୍କ ନୀତି, ଭକ୍ତଙ୍କ ଧାଡ଼ି ଦର୍ଶନ ତଥା ବୋଲବମ ଭକ୍ତଙ୍କ ଜଳଲାଗି ଲଡୁବାବାଙ୍କ ଆଶୀର୍ବାଦ ଯୋଗୁ ସମୟାନୁସାରେ ଏବଂ ଶୃଙ୍ଖଳିତଭାବେ ସମ୍ପୂର୍ଣ୍ଣ ହୋଇପାରିଛି ବୋଲି ମନ୍ଦିର ପରିଚାଳକ ବରାଡ଼ ପ୍ରକାଶ କରିଛନ୍ତି। ଶରଣକୁଳ ପୋଲିସ ପକ୍ଷରୁ ମନ୍ଦିରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ୫-ଟି ସଚିବଙ୍କ ଗସ୍ତକୁ ନେଇ ଭାଙ୍ଗିଲା ଅସ୍ଥାୟୀ ଦୋକାନ

ନୟାଗଡ଼,୧୭।୭ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାକୁ ୫-ଟି ସଚିବଙ୍କ ଗସ୍ତ ଆସନ୍ତା ୨୦ ଓ ୨୧ ତାରିଖରେ କାର୍ଯ୍ୟକ୍ରମ ରହିଛି। ଏ ଅବସରରେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ନୟାଗଡ଼-ଓଡ଼ଗାଁ ରାସ୍ତାର ନୟାଗଡ଼ କଲେଜ ଗଡାଣୀଠାରୁ ଅସ୍ଥାୟୀ ଦୋକାନ ଭଙ୍ଗାଯାଇ ରାସ୍ତା ପୁରା ସଫା କରାଯାଇଛି। ଯାହା ପୂର୍ବରୁ ମ୍ୟୁନିସିପାଲଟି ପକ୍ଷରୁ କରାଯାଇ ପାରୁ ନ ଥିଲା ତେବେ ୫-ଟି ସଚିବଙ୍କ ଗସ୍ତ ଯୋଗୁ ସମ୍ଭବ ହୋଇପାରିଛି। ତେବେ ନୟାଗଡ଼ କଲେଜ ରୋଡରେ ମାଛ, ମାଂସ ଓ ପନିପରିବା ବ୍ୟବସାୟୀଙ୍କୁ ଅନ୍ୟତ୍ର ଥଇଥାନ କରା ନ ଯିବାରୁ ସେମାନଙ୍କ ପରିବାର ଚଳାଇବା କାଠିକର ପାଠ ହୋଇପଡ଼ିଛି।

## ଭୋଜି କରିବାକୁ ଡାକିନେଇ ହତ୍ୟା ଅଭିଯୋଗ

ନୟାଗଡ,୧୭।୭ (ଲୋକନାଥ ମିଶ୍ର)

ଦଶପଲ୍ଲା ଥାନା ଖମାରସାହି ପଞ୍ଚାୟତ ଭୋଗଡା ଗାଁରେ ଭୋଜି କରିବାକୁ ଡାକି ନେଇ ଜଣେ ୧୮ ବର୍ଷର ବାଳକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ଶେଷଦେବ ନାୟକ। ଘର ଭୋଗଡା ଗାଁରେ। ଏ ନେଇ ମୃତକଙ୍କ ବାପା ଧଡିଆ ନାୟକ କୁହନ୍ତି, ମୋ ପୁଅ ଶେଷଦେବଙ୍କୁ ଗାଁର କିଛି ପିଲା ରବିବାର ସନ୍ଧ୍ୟାରେ ଡାକି ନେଇଥିଲେ। ତେବେ ଭୋଜିରେ ତାଙ୍କୁ ମଦରେ ବିଷ ଦେଇ ହତ୍ୟା କରିଛନ୍ତି। ମୋ ପୁଅକୁ ଗୁରୁତର ଅବସ୍ଥାରେ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ରାତିରେ ଭର୍ତ୍ତି କରିଥିଲୁ। ଅବସ୍ଥାରେ ଉନ୍ନତି ନ ଆସିବାରୁ ଡାକ୍ତର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲୁ। ସୋମବାର ଡାକ୍ତର ମୃତ ଘୋଷଣା କରିଛନ୍ତି। ନୟାଗଡ଼ ଟାଉନ ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି। ମଙ୍ଗଳବାର ଦଶପଲ୍ଲା ଥାନା ପୋଲିସ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ ପୁଅ ହତ୍ୟା ନେଇ ମଙ୍ଗଳବାର ଦଶପଲ୍ଲା ଥାନାରେ ଅଭିଯୋଗ କରିବୁ ବୋଲି କାନ୍ଦି କାନ୍ଦି ବାପା ଧଡିଆ କହିଛନ୍ତି।

## ଦଶପଲ୍ଲା ଥାନାରେ ଆଇଆଇସିଙ୍କ ଯୋଗଦାନ

ଦଶପଲ୍ଲା, ୧୭।୭ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଥାନାର ଆଇଆଇସି ବସନ୍ତ କୁମାର ସାହୁଙ୍କର ପୁରୀ ବଦଳି ହେବା ପରେ ନୂତନ ଆଇଆଇସି ଭାବେ ମୁକେଶ କୁମାର ବେହେରା ଯୋଗଦାନ କରିଛନ୍ତି। ସେ ପୂର୍ବରୁ ବାଣିଗୋଛା ଏବଂ ଚାନ୍ଦପୁର ଥାନାରେ କାର୍ଯ୍ୟରତ ଥିଲେ। ନୂତନ ଭାବେ ଦଶପଲ୍ଲାରେ ଯୋଗଦାନ କରିବା ପରେ ଦଶପଲ୍ଲା ଥାନାର ସମସ୍ତ କର୍ମଚାରୀ ଏବଂ ସୋମବାର ବହୁ କାଉନସିଲର ସ୍ୱାଗତ ଜଣାଇଥିଲେ। ଆଇନ ଶୃଙ୍ଖଳା ପ୍ରତି ବିଶେଷ ଗୁରୁତ୍ୱ ଦେବେ ବୋଲି ଆଇଆଇସି ବେହେରା ମତ ପ୍ରକାଶ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହୃଷୀକେଶ



@ ମୋନାଲି



@ ପୀତବାସ



@ ପୂଜା



@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉତ୍ତରକୁ ଢଳିଲେ ସିଦ୍ଧେଶ୍ୱର ମହାଦେବ

ଖଣ୍ଡପଡ଼ା,୧୭।୭(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ ପରିଚିତ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁର ସିଦ୍ଧେଶ୍ୱର ମହାଦେବ ସୋମବାର କର୍କଟ ସଂକ୍ରାନ୍ତିରେ ଉତ୍ତରକୁ ଢଳିଥିବା ବେଳେ ବହୁ ଶ୍ରଦ୍ଧାଳୁ ତାଙ୍କୁ ଦର୍ଶନ କରିଛନ୍ତି । ସୂଚନାଯୋଗ୍ୟ, ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିର ଦକ୍ଷିଣ ପାର୍ଶ୍ୱର ପ୍ରାୟ ୨୦ ଫୁଟ ଦୂରରେ ସିଦ୍ଧେଶ୍ୱର ମହାଦେବ ପାର୍ଶ୍ୱ ଠାକୁର ଭାବେ ବିରାଜମାନ ହୋଇଛନ୍ତି। ସିଦ୍ଧେଶ୍ୱର ମହାଦେବଙ୍କ ସମ୍ପର୍କରେ କପିଳ ସଂଘିତାର ଅଷ୍ଟାତ୍ରିଂଶ ଅଧ୍ୟାୟ ନାରଦ ଉବାଚ ପର୍ବ ୫୫,୫୬ ଓ ୫୭ ପଦରେ ବର୍ଣ୍ଣିତ ଅଛି । ସିଦ୍ଧେଶ୍ୱର ମହାଦେବଙ୍କ (ଶିବ) ଲିଙ୍ଗର ବୈଶିଷ୍ଟ ହେଉଛି ଏହା ସୂର୍ଯ୍ୟଙ୍କ ଗତିର ବିପରୀତ ଦିଗକୁ ଢଳିଥାଏ । ସୂର୍ଯ୍ୟ ମକର ସଂକ୍ରାନ୍ତିଠାରୁ ଉତ୍ତରକୁ ଓ କର୍କଟ ସଂକ୍ରାନ୍ତିଠାରୁ ଦକ୍ଷିଣକୁ ଗତି କରିଥାନ୍ତି । ସୂର୍ଯ୍ୟଙ୍କ ଗତିର ବିପରୀତ ଦିଗକୁ ଉକ୍ତ ଲିଙ୍ଗ ଆପଣାଛାଏଁ ଉତ୍ତରାୟଣ କିମ୍ବା ଦକ୍ଷିଣାୟନ ହୋଇଥାନ୍ତି । ଫଳରେ ସୋମବାର କର୍କଟ ସଂକ୍ରାନ୍ତି ତିଥିରେ ସୂର୍ଯ୍ୟ ଦକ୍ଷିଣାୟନ ହୋଇଥିବାରୁ ସିଦ୍ଧେଶ୍ୱର ମହାଦେବ



ସିଦ୍ଧେଶ୍ୱର ମହାଦେବଙ୍କ ଫଟୋ ଏଥି ସହ ପଠାଇଲି ।

ଉତ୍ତର ଦିଗକୁ ଢଳିଥିବା ଦେଖିବାକୁ ମିଳିଛି । ଏହି ପବିତ୍ର ତିଥି ତଥା ଶ୍ରାବଣର ୨ୟ ସୋମବାରରେ ମହାନଦୀରୁ ପାଣି ଭାର ଧରି ଶ୍ରଦ୍ଧାଳୁମାନେ ସିଦ୍ଧେଶ୍ୱର ମହାଦେବଙ୍କ ପାଖରେ ଜଳଲାଗି କରିବା ସହ ତାଙ୍କ ଅପୂର୍ବ ଦୃଶ୍ୟ ଦର୍ଶନ କରିଛନ୍ତି ।

# ପଞ୍ଚାୟତରୁ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ନୂଆଗାଁ, ୧୭।୭ (ଧନେଶ୍ୱର ସାହୁ)

- ଆବାସ ଅନିୟମିତତା ଯୋଗୁଁ ଆମରଣ ଅନଶନ ଘଟଣା
- ଦୀର୍ଘ ୫ ଘଣ୍ଟା ପରେ ବିଡିଓଙ୍କ ପ୍ରତିଶ୍ରୁତି ପାଇ ହଟିଲା ଧାରଣା

ଆବାସ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ନେଇ ବେରୁହାଁବାରୀ ପଞ୍ଚାୟତରେ ମହିଳାପୁରୁଷମାନେ ଧାରଣାରେ ବସିଥିଲେ। କିନ୍ତୁ ଦୀର୍ଘ ୧୯ଦିନ ପରେ ବି ସେମାନଙ୍କୁ ନ୍ୟାୟ ନ ମିଳିବାରୁ ଧାରଣାକାରୀମାନେ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରୁ ଆସି ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। ଦୀର୍ଘ ୫ ଘଣ୍ଟା ବସିବା ପରେ ଆସନ୍ତା ୨୪ ତାରିଖରେ ନୂଆଗାଁ ବ୍ଲକରେ ଜିଲାପାଳଙ୍କ ଜଣଶୁଣାଣିରେ ସମସ୍ୟାର ସମାଧାନ କରିବା ନେଇ ବିଡିଓଙ୍କଠାରୁ ପ୍ରତିଶ୍ରୁତି ପାଇ ଧାରଣାରୁ ଉଠିଥିଲେ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତରେ ଆବାସ ଗୃହ ତାଲିକାରୁ ବାଦ୍ ପଡିଥିବା ୧୫ ଜଣରୁ ଉର୍ଦ୍ଧ୍ୱ ମହିଳାପୁରୁଷ ପଞ୍ଚାୟତ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। ଧାରଣାର ୫ ଦିନ ପରେ କେହି ନ ଶୁଣିବାରୁ ୬ଷ୍ଠ ଦିନରୁ



ବିଡିଓ ଧାରଣାକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଆମରଣ ଅନଶନ କରିଥିଲେ। ବ୍ଲକ ଉପାଧକ୍ଷ ପର୍ଶୁରାମ ସ୍ୱାଇଁ, ବେରୁହାଁବାରୀ ସମିତି ସଭ୍ୟ କେଦାର ସେଠୀ ପହଞ୍ଚି ୨ ଦିନ ମଧ୍ୟରେ ଅନିୟମିତତାର ପୁନର୍ବାର ତଦନ୍ତ କରିବା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୀର୍ଘ ୧୫ ଦିନ ବିତି ଯାଇଥିଲେ ମଧ୍ୟ ସେମାନଙ୍କୁ ନ୍ୟାୟ ନ ମିଳିବାରୁ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ଲିଖିତ ଭାବେ ନୂଆଗାଁ ବିଡିଓ, ନୁଆଗାଁ ଥାନା ସମେତ ଅନ୍ୟମାନଙ୍କୁ ଜଣାଇଥିଲେ। ସେହି ଅନୁସାରେ, ବେରୁହାଁବାରୀ ପଞ୍ଚାୟତରେ ବସିଥିବା ଧାରଣାକାରୀମାନେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଏପରିକି ବିଡିଓଙ୍କୁ ମଧ କାର୍ଯ୍ୟାଳୟ ଭିତରକୁ ଛାଡି ଦେଇ ନ ଥିଲେ। ଧାରଣାସ୍ଥଳରେ ପୁନଃ ତଦନ୍ତ ରିପୋର୍ଟ ଧାରଣାକାରୀଙ୍କୁ ପ୍ରଦାନ କରିବା ସହ ବିଡିଓ ବହୁ ସମୟ ଧରି ବୁଝାଶୁଝା କରି ଧାରଣାକାରୀଙ୍କୁ ନିଜ ପ୍ରକୋଷ୍ଠକୁ ନେଇ ଆଲୋଚନା କରିଥିଲେ। ଆସନ୍ତା ସୋମବାର ନୂଆଗାଁ ବ୍ଲକରେ ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅଛି। ସେହିଦିନ ଆସି ଜିଲାପାଳଙ୍କ ଉପସ୍ଥିତିରେ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଧାରଣାକାରୀମାନେ ବିଡିଓଙ୍କ ଭରସାରେ ଧାରଣାରୁ ଉଠିଥିଲେ। ଯଦି ସେ ଦିନ ସେମାନଙ୍କୁ ଉଚିତ୍ ନ୍ୟାୟ ନ ମିଳେ ତେବେ ଧାରଣାକାରୀମାନେ ମଙ୍ଗଳବାରଠାରୁ ପୁନର୍ବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଲିଖିତ ଭାବେ ବିଡିଓଙ୍କୁ ଜଣାଇଛନ୍ତି। ତେବେ ମିଳିଥିବା ତଦନ୍ତ ରିପୋର୍ଟ ଅନୁସାରେ ଧାରଣାରେ ବସିଥିବା ସମସ୍ତ ବ୍ୟକ୍ତି ଆବାସ ଯୋଜନାରେ ଗୃହ ପାଇବାକୁ ଅଯୋଗ୍ୟ ଦର୍ଶାଯାଇଛି। ଆମଠାରୁ ଭଲ ଘରେ ରହୁଥିବା ଲୋକମାନଙ୍କୁ ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ଆମକୁ କେଉଁ କାରଣରୁ ଅଯୋଗ୍ୟ କରାଯାଇଛି ବୋଲି ଧାରଣାକାରୀମାନେ ପ୍ରଶ୍ନ କରିଛନ୍ତି।

